# କୁଟିଆ କନ୍ଧ





ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର, ଓଡ଼ିଶା
୨୦୧୨

# ପରିଭାଷା

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ଓଡ଼ିଶାରେ ଥିବା ୧୩ ଗୋଟି ଆଦିମ ଜନଜାତିଙ୍କ ଉପରେ ଇଂରାଜୀ ଭାଷାରେ "Photo Hand Books of PTGs of Odisha'' ନାମରେ ୧୩ ଗୋଟି ପୁସ୍ତିକା ଏବଂ ସେମାନଙ୍କ ଏକ ପରିଚୟାତ୍ମକ ପୁସ୍ତିକା, ଏହିପରି ମୋଟ ୧୪ ଗୋଟି ପୁସ୍ତିକା ପ୍ରକାଶ କରିଛନ୍ତି । ଜନଜାତିଙ୍କ ଉପରେ ରଚି ରଖୁଥିବା ଗବେଷକ ତଥା ଜିଜ୍ଞାସୁ ବ୍ୟକ୍ତି ବିଶେଷଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେଉଥିଲେ ସୁଦ୍ଧା ଓଡ଼ିଆ ଭାଷାରେ ଏହା ଉପଲବ୍ଧ ହେଉନଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ଏହା ଅନାଦୃତ ହୋଇ ରହିଯାଇଥିଲା । ଓଡ଼ିଶାର ଆଦିମ ଜନଜାତିଙ୍କ ସଂପର୍କରେ ଚିତ୍ର ଆଧାରିତ ପରିଚୟାତ୍ମକ ପୁସ୍ତିକାଟିଏ ଖୋଲିଲେ ସର୍ବସାଧାରଣଙ୍କୁ ଇଂରାଜୀ ଭାଷାରେ ପ୍ରକାଶିତ ପୁସ୍ତିକା ଉପରେ ନିର୍ଭର କରିବାକୁ ପଡୁଥିଲା । ଏହାକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଏହି ପୁସ୍ତିକା ଗୁଡିକର ଅନୁସୃଜନ କାର୍ଯ୍ୟ ହାତକୁ ନେଇ ତାହାକୁ ପ୍ରକାଶ କରିଛନ୍ତି । ଉପରୋକ୍ତ ବିଷୟକୁ ସର୍ବସାଧାରଣରେ ଉପସ୍ଥାପିତ କରିବା ପାଇଁ ଆଦିମ ଜନଜାତିଙ୍କ ସାମାଜିକ - ସାଂସ୍କୃତିକ - ଅର୍ଥନୈତିକ ବିକାଶ ଉପରେ ଚିତ୍ର ସମ୍ବଳିତ ଏହି ଚିତ୍ରପୋଥୀ ପ୍ରକାଶ କରାଯାଇଛି । ଜନସାଧାରଣ, ଗବେଷକ, ସୁଧୀ ପାଠକଙ୍କ କାମକୁ ଏହା ଆସିପାରିଲେ ଓଡ଼ିଶାର ଜନଜାତିଙ୍କ ସାଂସ୍କୃତିକ ବୈଚିତ୍ର୍ୟକୁ ଆଲୋଚନା କରିବାର ସୁଯୋଗ ସୃଷ୍ଟି ହୋଇପାରିବ ।

**(ସନ୍ତୋଷ କୁମାର ଷଡ଼ଙ୍ଗୀ)**
କମିଶନର ତଥା ଶାସନ ସଚିବ

# କୁଟିଆ କନ୍ଧ




ମୂଳ ଇଂରାଜୀ
ଅଖିଳ ବିହାରୀ ଓତା
ଅନନ୍ତ ଚରଣ ସାହୁ


ଓଡ଼ିଆ ଅନୁସୃଜନ
ଅଖିଳ ବିହାରୀ ଓତା
ପରମାନନ୍ଦ ପଟେଲ
ପ୍ରଦୀପ୍ତ କୁମାର ସାମଲ୍

# ଉପକ୍ରମଣିକା



ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରୁ କନ୍ଧ ସଂଖ୍ୟା ଗରିଷ୍ଠ ଜନଜାତି। ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ କନ୍ଧମାନଙ୍କୁ ଦେଶିଆ, ଡ଼ଙ୍ଗରିଆ, କୁଟିଆ, ବୁଡ୍ଡ, ସୀଠ, ପେଙ୍ଗ, ନଙ୍ଗଳା, ବୁଜା ଇତ୍ୟାଦି ବିଭିନ୍ନ ପ୍ରଭାଗରେ ଗୋଷ୍ଠୀଭୁକ୍ତ କରାଯାଇଛି। କନ୍ଧ ଜନଜାତିଙ୍କ ମଧ୍ୟରେ କୁଟିଆ କନ୍ଧ ଏକ ଉପଗୋଷ୍ଠୀ। ଏମାନଙ୍କର ଭାଷା କୁଇ। ଏହି କୁଇ ଭାଷା ଦ୍ରାବିଡ଼ ଭାଷା ପରିବାର ଅନ୍ତର୍ଭୁକ୍ତ। ଏମାନେ ନିଜକୁ କୁଏଞ୍ଜୁ ବୋଲି କୁହନ୍ତି।

କନ୍ଧମାଳ ଜିଲ୍ଲାର ଦକ୍ଷିଣାଞ୍ଚଳରେ ଅଧିକ ସଂଖ୍ୟାରେ କୁଟିଆ କନ୍ଧମାନେ ବାସ କରନ୍ତି। କଳାହାଣ୍ଡି ଜିଲ୍ଲାରେ ମଧ୍ୟ କୁଟିଆକନ୍ଧ ବସବାସ କରୁଥିବାର ଦେଖାଯାଏ। କନ୍ଧମାଳ ଜିଲ୍ଲାର ବେଲଘର ଅଞ୍ଚଳରେ ବସବାସ କରୁଥିବା କୁଟିଆ କନ୍ଧମାନଙ୍କ ସାମାଜିକ ସାଂସ୍କୃତିକ ବିଭବ ଏବେ ମଧ୍ୟ ଅକ୍ଷୁଣ୍ଣ ରହିଛି। ଏହି ଅଞ୍ଚଳର





ବାତାବରଣ ଅପେକ୍ଷାକୃତ ନାତିଶୀତୋଷ୍ଣ। ଏଠାରେ ନଭେମ୍ବର ଫେବୃଆରୀ ମାସ ପର୍ଯ୍ୟନ୍ତ ଅଧିକ ଥଣ୍ଡା ଅନୁଭୂତ ହୁଏ। ମାର୍ଚ୍ଚମାସ ଠାରୁ ଜୁନ୍‌ମାସ ମଧ୍ୟଭାଗ ପର୍ଯ୍ୟନ୍ତ ଅପେକ୍ଷାକୃତ ଗରମ ଅନୁଭୂତ ହୁଏ। ଡ଼ିସେମ୍ବର ଶେଷଆଡ଼କୁ ବେଳେବେଳେ

ବାୟୁମଣ୍ଡଳର ସର୍ବନିମ୍ନ ତାପମାତ୍ରା ଶୂନ ଡ଼ିଗ୍ରୀକୁ ସ୍ପର୍ଶ କରେ। ଏଠାରେ ନାଲିରଙ୍ଗର ଲାଟେରାଇଟ୍ ମୃତ୍ତିକା ଦେଖାଯାଏ । କୁଟିଆ କନ୍ଧ ବସବାସ କରୁଥିବା ଅଞ୍ଚଳର ଚତୁପାର୍ଶ୍ୱ ଘଞ୍ଚ ଶାଳ ଗଛ ପରିପୂର୍ଣ୍ଣ। ଶାଳଗଛ ବ୍ୟତୀତ ଅନ୍ୟାନ୍ୟ ଅନେକ ବଡ଼ ବଡ଼ ଗଛ ଲତା ଓ ଗୁଳ୍ମ ମଧ ଦେଖାଯାଏ। କୁଟିଆ କନ୍ଧ ମାନଙ୍କର ସାମାଜିକ - ଆର୍ଥିକ ଓ ସାଂସ୍କୃତିକ ବ୍ୟବସ୍ଥା ସହ ଶାଳ, ପିଆଶାଳ, ବାଉଁଶ, ଆମ୍ବ, ମହୁଲ, କୁସୁମ, ସଲପ, ଅସନ ଓ ଅନ୍ୟ କେତେକ ଜଙ୍ଗଲ ବୃକ୍ଷର ଗୁରୁତ୍ୱପୁର୍ଣ୍ଣ ଭୂମିକା ରହିଛି।




କୁଟିଆ କନ୍ଧ ପରିମଣ୍ଡଳ ମଧରେ ଶିଆଳୀ ଲତା ଓ ବାଉଁଶ ଗଛର ସମ୍ଭାର ଦେଖିବାକୁ ମିଳେ। ଡାଲା, ଟୋକେଇ, ଆଦି ବହୁ କାମରେ ବାଉଁଶ ବ୍ୟବହୃତ ହୁଏ । ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କୁଟିଆକନ୍ଧମାନେ



ପୋଡୁଚାଷ କରୁଥିବାର ଦେଖାଯାଏ। ଏହି ବନାଞ୍ଚଳରେ ବର୍ଷତମାମ ଖାଦ୍ୟ ଉପଯୋଗୀ କନ୍ଦମୂଳ, କୋଳି ଏବଂ ଲଘୁବନଜାତ ଦ୍ରବ୍ୟ ଜୀବନ ଜୀବିକା ନିର୍ବାହ ପାଇ ଉପଲବ୍ଧ ହୁଏ। ବାସସ୍ଥଳୀର ଦୂରବର୍ତ୍ତୀ ପାହାଡ, ପର୍ବତ, ଘଞ୍ଚ ଜଙ୍ଗଲୀ ଗଛଲତାରେ ପରିପୂର୍ଣ୍ଣ। ଚିରସ୍ରୋତା ଝରଣା ଓ ପାହାଡ଼ ପର୍ବତର ସବୁଜିମା କୁଟିଆ କନ୍ଧର ପରିବେଶକୁ ସ୍ୱତନ୍ତ୍ର ରୂପ ଦିଏ। ଚିତାବାଘ, ହାତୀ, ଭାଲୁ, ହରିଣ, ମାଙ୍କଡ଼, ବାରହା, ବିଭିନ୍ନ ପ୍ରଜାତିର ସାପ, ନେଉଳ ଓ ମୟୂର ଆଦି ଜୀବଜନ୍ତୁ ଏଠାରେ ଦେଖାଯାନ୍ତି।









# ବସତି ଓ ଗୃହ



ବସତି ସ୍ଥାପନ ଓ ଗୃହ ନିର୍ମାଣ ନିମନ୍ତେ କୁଟିଆ କନ୍ଧମାନେ ଉପଯୁକ୍ତ ସ୍ଥାନ ବାଛିବା ସହ ସ୍ୱତନ୍ତ୍ର ଧ୍ୟାନ ଦେଇଥାନ୍ତି । ବସତି ସ୍ଥାନ, ସ୍ଥପତି ନକ୍ସା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତି ପାଇଁ ଯଥୋପଯୁକ୍ତ ସ୍ଥାନ ନିର୍ବାଚନ ସେମାନଙ୍କ ସୌନ୍ଦର୍ଯ୍ୟବୋଧର ପରିଚୟ ଦେଇଥାଏ । ବସତି ସ୍ଥଳ ନିର୍ବାଚନ ଗୃହ ନିର୍ମାଣ ଶୈଳୀ, ସ୍ଥାପତ୍ୟର କଳା ଆଦିରୁ ଯେଉଁ ସୌନ୍ଦର୍ଯ୍ୟବୋଧର ପ୍ରମାଣ ମିଳେ ତାହା କୁଟିଆକନ୍ଧ ମାନଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନବୋଧର ଅନନ୍ୟ ଉଦାହରଣ । ଗୃହନିର୍ମାଣ କାର୍ଯ୍ୟରେ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କୁଟିଆକନ୍ଧ ମାନଙ୍କ ମୌଳିକତାର ପରିଚାୟକ ।






ପାରମ୍ପରିକ ରୀତିରେ କୁଟିଆ କନ୍ଧ ଗାଁରେ ଗୋଟିଏ ବଂଶ ଏକତ୍ର ବସବାସ କରୁଥିବାର ଦେଖାଯାଏ । ମାତ୍ର ପରବର୍ତ୍ତୀ ସମୟରେ କ୍ରମେ ଏକାଧିକ ବଂଶ ଓ ବିବିଧ ଗୋଷ୍ଠୀ ଏକତ୍ର ବସବାସ କରି ରହୁଛନ୍ତି । ଏସବୁସତ୍ତ୍ୱେ ପରସ୍ପର ଭିତରେ ସାହାଯ୍ୟ ସହଯୋଗ ମନୋଭାବ ରହିଆସିଛି । କୁଟିଆ କନ୍ଧ ମାନଙ୍କ ଦଳଗତ ଜୀବନ ଓ ଗୋଷ୍ଠୀ ସମ୍ପର୍କ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।







କୁଟିଆକନ୍ଧ ଗାଁରେ ଘର ଗୁଡ଼ିକ ଆୟତାକାର ଓ ଦୁଇଧାଡ଼ିଆ ହୋଇ ପରସ୍ପରକୁ ସାମ୍ନା କରିଥାଏ । ଦୁଇଧାଡ଼ିଆ ଘର ମଝିରେ ପ୍ରଶସ୍ତ ଲମ୍ୱାରାସ୍ତା । ପ୍ରତି ଘରର ସ୍ୱତନ୍ତ୍ର କାନ୍ଥ । ବାରଣ୍ଡା ଲମ୍ବିଥାଏ ଏ ମୁଣ୍ଡରୁ ସେ ମୁଣ୍ଡକୁ । ପରିବାରର ସଦସ୍ୟ ସଂଖ୍ୟା ଓ ଆର୍ଥିକ ଅବସ୍ଥାକୁ ଆଧାର କରି ଘରର ଆକାର । ଗାଁ ମଝିରେ ଧରଣୀ ପେନୁଙ୍କ ଆସ୍ଥାନ ପାଖରେ ମେରିଆଖୁଣ୍ଟ ପୋତାଯାଇଥାଏ । ଲୋକମାନଙ୍କ ମଧ୍ୟରେ ଏହା "ୱାଙ୍ଗାପେନୁ" ନାମରେ ପରିଚିତ । କୁଟିଆମାନଙ୍କ ଘରକୁ ଲାଗି ଗୋରୁ ଗୁହାଳ ତିଆରି ହୋଇଥାଏ ।




ସୁଖ ଓ ସମୃଦ୍ଧିର ସର୍ବଶକ୍ତିମାନ ଦେବତା ସୂର୍ଯ୍ୟ । କନ୍ଧମାନଙ୍କ ଦ୍ୱାରା କେଉଁ ଆବହମାନ କାଳରୁ ପୂଜା ପାଇଁ ଆସୁଛନ୍ତି । କୁଟିଆ ଲୋକ ବିଶ୍ୱାସରେ ସୂର୍ଯ୍ୟ ସର୍ବଶକ୍ତିମାନ । ସବୁ ପ୍ରକାରର ପାପତାପ ସୂର୍ଯ୍ୟଙ୍କ ରଶ୍ମୀରେ ଧୋଇ ହୋଇଯାଏ । ତେଣୁ ପ୍ରତି ପରିବାର ସୌର କିରଣର ସଦୁପଯୋଗ ପାଇଁ ଗୁରୁତ୍ୱାରୋପ କରିଥାନ୍ତି । ପ୍ରତି କୁଟିଆ ଗାଁରେ ଅନ୍ତତଃ ପକ୍ଷେ ଗୋଟିଏ ଡମ୍ବ ପରିବାର ଥାଏ । ଡମ୍ବ ଘର କୁଟିଆମାନଙ୍କ ବସତିଠାରୁ କିଛି ଦୂରରେ ରହିଥାଏ ।

କୁଟିଆମାନେ ବସତି ସ୍ଥାପନ ନିମନ୍ତେ ପ୍ରଥମେ ଜାଗାଟିଏ ବାଛିବା ସମୟରେ ଉଚ୍ଚଭୂମି ପ୍ରତି ଗୁରୁତ୍ୱ ଦିଅନ୍ତି । ଏହା ସହିତ ଜଳାଧାର ଓ ଜଙ୍ଗଲ ସମ୍ପଦର ବହୁଳତା ପ୍ରତି ଧ୍ୟାନ ଦିଅନ୍ତି । ଜଳ ଓ ଜଙ୍ଗଲ ଜନଜାତିର ଜୀବନ । ଋତୁକାଳୀନ ଚାଷ, ପୋଡୁଚାଷ, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ; ଗୃହନିର୍ମାଣ ନିମନ୍ତେ ଉପକରଣ ସଂଗ୍ରହର ମୂଳ ହେଉଛି ଜଙ୍ଗଲ । ଜଙ୍ଗଲ ବିନା ଜୀବନ ଓ ଜୀବିକା






ଅସମ୍ଭବ । ପରିବାରର ସମସ୍ତ ସଦସ୍ୟ ଗୃହନିର୍ମାଣ କାର୍ଯ୍ୟରେ ଲାଗି ପଡ଼ନ୍ତି । ପୁରୁଷ ସଦସ୍ୟମାନେ କାଠ ଖମ୍ବ, ବାଉଁଶ, ଶିଆଳୀ ଲତା ଆଦି ସଂଗ୍ରହ କରନ୍ତି । ଗୃହନିର୍ମାଣ ନିମନ୍ତେ ଆବଶ୍ୟକ ପଡୁଥିବା ମାଟି ସଂଗ୍ରହ କାମରେ ମହିଳାମାନେ ଅଂଶ ଗ୍ରହଣ କରନ୍ତି । ପୁରୁଷମାନେ ଘର ଛପର କରନ୍ତି । ମହିଳାମାନେ ମାଟି ଚକଟି ଘରର କାନ୍ଥ ତିଆରି କରନ୍ତି । ଚୁଲି, ଚଟାଣ, ବାରଣ୍ଡା, ଅଗଣା ଆଦି ଲିପାପୋଛା କରି ସୁନ୍ଦର କରିବା କାମରେ ନିଜକୁ ନିବେଶ କରନ୍ତି । ମୁଖ୍ୟ ଘରକୁ ପ୍ରାୟତଃ ଆଟୁ କରନ୍ତି ଯାହା ଜିନିଷ ପତ୍ର ରଖିବା ପାଇଁ ବିନିଯୋଗ ହୁଏ । ଏହାଛଡ଼ା ଚୁଲି ଉପରେ ବାଉଁଶକୁ ସମାନ୍ତରାଳ ଭାବରେ ବିଛାଇ ଶସ୍ୟ ଓ ମାଂସ ଶୁଖାଇବା ପାଇଁ ବ୍ୟବହାର କରାଯାଏ । ରୋଷଘରେ ପୂର୍ବପୁରୁଷ ମାନଙ୍କ ଆତ୍ମାର ରହଣୀସ୍ଥଳ ତିଆରିବା ସମୟରେ ବିଶେଷ ଯତ୍ନ ନିଆଯାଏ । ଘରର ମୁଖ୍ୟ କୋଠରୀରେ ଚୁଲିର ବିପରୀତ ପାର୍ଶ୍ୱରେ ସେମାନେ ଛେଳି କୁକୁଡ଼ା ରଖନ୍ତି । ଏହାଦ୍ୱାରା ଏମାନଙ୍କୁ ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ସୁରକ୍ଷା ମିଳେ ।




ଗୃହନିର୍ମାଣରେ ପାରମ୍ପରିକ କୌଶଳ ଅବଲମ୍ବନ କରାଯାଏ । ଏହା ଏକ ସାମୂହିକ କର୍ମ । ଏହି କର୍ମରେ ଶ୍ରମ ବିଭାଜନ ଉପରେ ଗୁରୁତ୍ୱ ଦେବା ସହିତ ଗ୍ରାମବାସୀ ମାନଙ୍କର ସହଯୋଗ ନିଆଯାଏ । ପରିବାରର ସଦସ୍ୟ ସଂଖ୍ୟା ବଢ଼ିଲେ ପୁରୁଣାଘରକୁ ଲାଗି ନୂଆଘର ତିଆରି ହୁଏ । ଆବଶ୍ୟକ ସ୍ଥଳେ ଗୃହନିର୍ମାଣ ନିମନ୍ତେ ନୂତନ ସ୍ଥାନ ବଛାଯାଏ । ଗୃହନିର୍ମାଣ କାଳରେ କେତେକ ଧାର୍ମିକ ପୂଜା ପଦ୍ଧତିର ଧାରାକୁ ଅନୁସରଣ କରାଯାଏ ।





ଦ୍ରୁତ ଜଙ୍ଗଲ ଅବକ୍ଷୟ କାରଣରୁ ଘର ଛପର ନିମନ୍ତେ ବଣୁଆ ଘାସର ଅଭାବ ଯୋଗୁଁ ଏବେ କୁଟିଆକନ୍ଧ ଗାଁରେ କେତେକ ଲୋକ ଖପର ଘର କଲେଣି । କୁଟିଆ ବସତି ନିକଟରେ ମିଳୁଥିବା ନାଲି ରଙ୍ଗମାଟି, ଗ୍ରାଫାଇଟ୍ ମାଟି ଅବା ଚୂନ ପଥୁରିଆ ମାଟି ସାହାଯ୍ୟରେ ଘରର କାନ୍ଥ ଓ ଚଟାଣକୁ ଲିପାପୋଛା କରାଯାଇ ସୌନ୍ଦର୍ଯ୍ୟ ବୃଦ୍ଧି କରାଯାଇଥାଏ ।

# ଅର୍ଥନୈତିକ ଜୀବନ




ଜଙ୍ଗଲ କୁଟିଆକନ୍ଧ ଅର୍ଥନୀତିର କେନ୍ଦ୍ରବିନ୍ଦୁ । ଖାଦ୍ୟପେୟ, ଶିକାର, ମନୋରଞ୍ଜନ, ଗୃହନିର୍ମାଣ ସରଞ୍ଜାମ ସଂଗ୍ରହ ଆଦି ସବୁକ୍ଷେତ୍ରରେ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ । ଜଙ୍ଗଲରୁ ସେମାନେ ବିଭିନ୍ନ ପ୍ରକାର ଛତୁ, କନ୍ଦା, ମୂଳ, କାଣ୍ଡ, ଫୁଲ, ଫଳ, ମଞ୍ଜି ଆଦି ସଂଗ୍ରହ କରିନ୍ତି । ଅଭାବ ସମୟରେ ଜଙ୍ଗଲରୁ ସଂଗୃହୀତ ଖାଦ୍ୟୋପଯୋଗୀ ଫଳମୂଳ ଜୀବନ ଧାରଣରେ ତତ୍କାଳ ସହାୟତା ପ୍ରଦାନ କରେ । ସେମାନେ ଗ୍ରୀଷ୍ମଋତୁରେ ପଣସ, ଆମ୍ବ ଏବଂ ଅନ୍ୟାନ୍ୟ କନ୍ଦା ସଂଗ୍ରହ କରି ଖାଆନ୍ତି । ବର୍ଷା ଋତୁରେ ପୂର୍ବରୁ ସଂଗ୍ରହ କରି ରଖିଥିବା ଆମ୍ବ କୋଇଲି, ବାଉଁଶଗଜା, ବିଭିନ୍ନ ପ୍ରକାର ବଣଛତୁ ଓ ଶାଗ ଆଦିକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ଜଙ୍ଗଲରୁ ଲାଖ, ଝୁଣା ଓ ମହୁ ସଂଗ୍ରହ କରନ୍ତି । ଝାଡୁ ତିଆରି କରନ୍ତି । ପତ୍ର ସଂଗ୍ରହ କରି ପତ୍ରଥାଳି ଓ ଦନା ତିଆରି କରନ୍ତି । ବଜାରରେ କିଛି କିଛି ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ସେଥିରୁ ଦୁଇପଇସା ରୋଜଗାର କରିଥାନ୍ତି ।







ଜନଜାତି ସଂସ୍କୃତିରେ ଶିକାର ଏକ ପୁରାତନ ପରମ୍ପରା । କେଉଁ ଆଦିମକାଳରୁ ଏହି ମନୋରଞ୍ଜନ ତଥା ରୋମାଞ୍ଚକର ଅଭିଯାନ ଚଳି ଆସୁଛି । କୁଟିଆ କନ୍ଧମାନେ ସେମାନଙ୍କ ବସତିରୁ ବେଳେବେଳେ ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଯାଆନ୍ତି । ଖାଲି ଖାଦ୍ୟ ଅନ୍ୱେଷଣ ନୁହେଁ ବରଂ ସେମାନଙ୍କ ଧାର୍ମିକ ଓ ସାଂସ୍କୃତିକ ଜୀବନ ସହିତ ଶିକାର ପରମ୍ପରା ଜଡ଼ିତ । ଶିକାର ବ୍ୟତୀତ କୁଟିଆମାନେ ସେମାନଙ୍କ ବାସସ୍ଥଳୀର ଅନତି ଦୂରରେ ଥିବା ଚିରସ୍ରୋତା ଝରଣା, ନଦୀରୁ ମାଛ ଧରନ୍ତି । କନ୍ଧ ଅଞ୍ଚଳର ଘଞ୍ଚ ଜଙ୍ଗଲସମୂହରେ ବିଭିନ୍ନ ପ୍ରଜାତିର ବାଉଁଶ ଦେଖାଯାଏ । ଏହି ବାଉଁଶ ଘର ତିଆରି କାମରେ ଲାଗିବା ସହିତ ବିଭିନ୍ନ ସାମାଜିକ ପର୍ବ ପର୍ବାଣି ତଥା କର୍ମକାଣ୍ଡରେ ଲାଗେ । ବାଉଁଶରେ ଧନୁ ଓ ତୀର ତିଆରି ଗୁରୁତ୍ୱପୂର୍ଣ୍ଣ ଘରକରଣା ସରଞ୍ଜାମ ତଥା । ମସିଣା, ମାଛଧରା ଯନ୍ତ୍ର, ଝୁଡ଼ି, ବଇଁଶୀ ଆଦି ପ୍ରସ୍ତୁତ ହୁଏ ।




ବିଭିନ୍ନ କାରଣରୁ ଜଙ୍ଗଲ ସମ୍ପଦର ଦ୍ରୁତ ଅବକ୍ଷୟ ହେବା ଦ୍ୱାରା ଓ ପୋଡୁଚାଷ ଦ୍ୱାରା କୁଟିଆକନ୍ଧ ମାନଙ୍କର ଜୀବନ କ୍ରମଶଃ ଜଟିଳ ହେବାରେ ଲାଗିଛି । ତଥାପି ବର୍ତ୍ତମାନ ମଧ୍ୟ କୁଟିଆମାନେ ପୋଡୁଚାଷ ବିନା ଜୀବନ ଜୀବିକା ନିର୍ବାହ କରିବା ସହଜ ମନେ କରୁନାହାନ୍ତି ।  ପୋଡୁଚାଷରେ କଠିନ ପରିଶ୍ରମ କରିବାକୁ ପଡ଼େ । ଚାଷକାର୍ଯ୍ୟର ଧାରାବାହିକ ପଦ୍ଧତିରେ ନାନା ପ୍ରକାର କୌଶଳ ଅବଲମ୍ବନ କରିବାକୁ ହୁଏ ।



ଗ୍ରାମର ଧାର୍ମିକ ମୁଖ୍ୟ ଓ ପୂଜକ, ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସହିତ ଆବଶ୍ୟକ ପରାମର୍ଶ କରି ପୋଡୁଚାଷ ନିମନ୍ତେ ଉପଯୁକ୍ତ କ୍ଷେତ୍ର ନିର୍ବାଚନ ପୂର୍ବକ ତା'ର ସୀମା ଚିହ୍ନଟ କରନ୍ତି । ପୋଡୁଚାଷ ନିମନ୍ତେ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ପ୍ରାୟ ତିନିବର୍ଷ ବ୍ୟବହାର କରାଯାଏ । ସେହି କ୍ଷେତ୍ରର ଉର୍ବରତା ହ୍ରାସ ପାଇଲେ ତାହା ପୁନଃ ଫସଲ ନିମନ୍ତେ ଅନୁପଯୁକ୍ତ ବିବେଚିତ ହୁଏ ଓ  ସେହି କ୍ଷେତ୍ରକୁ ପାଞ୍ଚବର୍ଷରୁ ଅଧିକ କାଳ ଛାଡ଼ି ଦିଆଯାଏ । ସାଧାରଣତଃ ପାଞ୍ଚ ଛଅ ବର୍ଷପରେ ସେହି କ୍ଷେତ୍ରକୁ ପୁନର୍ବାର ଚାଷ ଉପଯୋଗୀ କରାଯାଏ । ଗ୍ରାମବାସୀଙ୍କ ମଧ୍ୟରେ ପରିବାରକୁ କେନ୍ଦ୍ରକରି ସମାନ ଭାବରେ କ୍ଷେତ୍ର ଆବଣ୍ଟନ କାର୍ଯ୍ୟ ସମାଧାନ ହୁଏ । ଯେଉଁ ପରିବାରରେ ଅଧିକ ସଦସ୍ୟ ଥାଆନ୍ତି ସେମାନଙ୍କ ଶସ୍ୟ ଚାହିଦାକୁ ଚାହିଁ ସେମାନଙ୍କୁ ଏକାଧିକ କ୍ଷେତ୍ର ପୋଡୁଚାଷ ନିମନ୍ତେ ଦିଆଯାଏ ।





ଗ୍ରାମବାସୀ ମାନଙ୍କ ସମ୍ମୁଖରେ ପ୍ରତି ପରିବାର ପାଇଁ ପ୍ରଦତ୍ତ କ୍ଷେତ୍ରକୁ ଚିହ୍ନିତ କରାଯାଏ । ପରବର୍ତ୍ତୀ ସମୟରେ ଚିହ୍ନିତ କ୍ଷେତ୍ର ବ୍ୟତୀତ କେହି କାହାର କ୍ଷେତ୍ରକୁ ଜବରଦଖଲ କରନ୍ତି ନାହିଁ ।  କ୍ଷେତ୍ର ଚିହ୍ନଟ ପ୍ରକ୍ରିୟା ଶେଷ ହେବା ପରେ ଯିଏ ଯାହା କ୍ଷେତ୍ରର ଯତ୍ନ ନିଏ । କ୍ଷେତ୍ରକୁ ପରିଷ୍କାର କରି ଚାଷୋପଯୋଗୀ କରାଯାଏ । ବର୍ତ୍ତମାନ କାଳରେ ପରିବାରକୁ କ୍ଷେତ୍ରଆବଣ୍ଟନର ମାନକ ଭାବରେ ଧରି ନିଆଯାଇଛି ।


ଫେବୃଆରୀ ଓ ମାର୍ଚ୍ଚମାସ ସୁଦ୍ଧା ପୋଡୁଚାଷ ନିମନ୍ତେ ଚିହ୍ନିତ କ୍ଷେତ୍ରରୁ ଗଛ କଟାଯାଏ । କଟା ଗଛ ଡ଼ାଳ ଗୁଡ଼ିକୁ ଶୁଖିବା ନିମନ୍ତେ କିଛିଦିନ ଛାଡ଼ି ଦିଆଯାଏ । କଟାଯାଇଥିବା ଗଛ ଡ଼ାଳ, ପତ୍ର ଇତ୍ୟାଦି ଶୁଖିଗଲେ ତାହାକୁ ପୋଡ଼ି ଦିଆଯାଏ । ଏହି ସମୟରେ ଫଳଚାଷ ଓ ଔଷଧୀୟ ବୃକ୍ଷ ସମୂହ କିପରି ପୋଡ଼ି ନ ଯାଇ ସୁରକ୍ଷିତ ରହିବ ତା' ଉପରେ ଧ୍ୟାନ ଦିଆଯାଏ ।




ମେ' ଓ ଜୁନ୍ ମାସରେ ପୋଡୁଚାଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା କ୍ଷେତ୍ରରେ ବିଭିନ୍ନ କିସମର ବିହନ ବିଭିନ୍ନ ପର୍ଯ୍ୟାୟରେ ବୁଣାଯାଏ । ଏହି ବିହନ ପୂର୍ବରୁ ସାଇତା ହୋଇ ରଖାଯାଇଥାଏ । ମଞ୍ଜି ଲଗାଇ ସାରିବା ପରେ ତାହାକୁ ଘୋଡ଼ାଇ ଦିଆଯାଏ । ଗୋଟିଏ ମୁନିଆଁ ବାଡ଼ିରେ ଗାତ ଖୋଳି ପନିପରିବା ବିହନ ଲଗାଯାଏ । କ୍ଷେତ୍ରରେ ବିହନ ଲଗାଇବା କାମରେ ଉଭୟ ପୁରୁଷ ଓ ମହିଳାମାନେ ଅଂଶଗ୍ରହଣ କରନ୍ତି । ଗଛ ବଢ଼ିଗଲେ ମହିଳାମାନେ କ୍ଷେତ୍ରରେ ଉଠିଥିବା ଅନାବନା ଗଛକୁ ଉପାଡ଼ି ଦିଅନ୍ତି । ଗଛରେ ଫୁଲ ଫଳ ଧରି ଆସିବା ପୂର୍ବରୁ ରୋଗ ପୋକ ଓ ପ୍ରାକୃତିକ ଦୁର୍ବିପାକ ତଥା ଅପଶକ୍ତିର କୁନଜରରୁ ରକ୍ଷା ପାଇବା ନିମନ୍ତେ ପୂଜା ଓ ବଳିର ଆଶ୍ରୟ ନିଆଯାଏ ।

ଗଛରେ ଫୁଲ ଫଳ ଆରମ୍ଭ ହୋଇଗଲେ ଜଙ୍ଗଲର ପଶୁପକ୍ଷୀ ନାନା ପ୍ରକାର ସମସ୍ୟା ସୃଷ୍ଟି କରନ୍ତି । ଏଥି ନିମନ୍ତେ ପୋଡୁକ୍ଷେତ ନିକଟରେ ଅସ୍ଥାୟୀ କୁଡ଼ିଆ ଘର ତିଆରି କରି ସେଥିରେ ରହିବାକୁ ହୁଏ । ପାରମ୍ପରିକ ଅସ୍ତ୍ର ବ୍ୟବହାର କରି ପଶୁପକ୍ଷୀଙ୍କ ମୁହଁରୁ ଫସଲକୁ ସୁରକ୍ଷିତ ରଖାଯାଏ ।

ପୋଡୁକ୍ଷେତରେ ଶସ୍ୟ ଅମଳର ବେଳ ଆସିଗଲେ ପାରମ୍ପରିକ ରୀତିରେ ଏଥି ସଂପୃକ୍ତ ଦେବଦେବୀଙ୍କୁ ତୃପ୍ତି ବିଧାନ ପାଇଁ ପୂଜା ଓ ବଳିର ବ୍ୟବସ୍ଥା କରିବା ସହିତ ଫସଲ ଅମଳ କାର୍ଯ୍ୟ ଆରମ୍ଭ କରାଯାଏ । ଶସ୍ୟର ପ୍ରକାର ଓ ବୁଣାର ସମୟକୁ ନେଇ ଅମଳ ବେଳ ମଧ ଭିନ୍ନ ଭିନ୍ନ ହୁଏ । ଏକା ସମୟରେ ସବୁପ୍ରକାର ଫସଲ ଅମଳ ଯୋଗ୍ୟ ହୁଏନାହିଁ । ଯେତେବେଳେ ଯେଉଁ ଶସ୍ୟ ପାଚେ ବା ପାକଳ ହୋଇ ଅମଳ ଯୋଗ୍ୟ ବୋଲି ବିଚାର କରାଯାଏ ସେତେବେଳେ ତାହାକୁ ଅମଳ କରାଯାଏ । ଗୋଟିଏ ପରେ ଆଉ ଗୋଟିଏ ଫସଲ ଅମଳ କରିବା ମଝିରେ ଯେଉଁ ଅବସର ମିଳେ ତାହା ନୃତ୍ୟ ଗୀତରେ କଟେ । ସବୁ ଫସଲ ଅମଳ ନ ସରିବା ପର୍ଯ୍ୟନ୍ତ ପୋଡୁକ୍ଷେତ ନିକଟରେ ନିର୍ମିତ ଅସ୍ଥାୟୀ କୁଡ଼ିଆ ଭଙ୍ଗାଯାଏ ନାହିଁ ।








ବିଗତ ଚାରି ଦଶନ୍ଧି ଧରି ପୋଡୁ ଚାଷରୁ କୁଟିଆ କନ୍ଧମାନଙ୍କୁ ନିବର୍ତ୍ତାଇବା ପାଇଁ ସରକାରଙ୍କ ତରଫରୁ ପଦକ୍ଷେପ ନିଆଯାଇଛି । ପୋଡୁଜମି ଅଞ୍ଚଳର ସଂପ୍ରସାରଣ ଏବେ କମିଛି । ବନବିଭାଗ ଅଧିକାରୀଙ୍କ ହସ୍ତକ୍ଷେପ ପୋଡୁଚାଷ ପାଇଁ ଅସୁବିଧା ସୃଷ୍ଟି କରୁଛି । ନୂତନ ଜଙ୍ଗଲ ନୀତି ପ୍ରବର୍ତ୍ତନ ସେମାନଙ୍କୁ ପୋଡୁ ଜମି ଅଧିକାରରୁ ବଞ୍ଚିତ କରିଛି ।

ପାହାଡ଼ିଆ ଅଞ୍ଚଳରେ କୁଟିଆକନ୍ଧ ମାନଙ୍କର ଅଳ୍ପ କିଛି ଗଡ଼ାଣି ଜମି ଓ କିଛି ସମତଳ ଜମି ରହିଥାଏ । ଏହି ସ୍ଥାନଗୁଡ଼ିକ ଫସଲ ନିମନ୍ତେ ଅଧିକ ଉପଯୁକ୍ତ । ଏହି ଜମିରେ ମାଣ୍ଡିଆ, ବାଜରା ଓ ଅନ୍ୟାନ୍ୟ ତୈଳବୀଜ ଚାଷ ସହିତ କେତେକ ପନିପରିବା ଚାଷ କରାଯାଏ । ଭଲ ଫସଲ ଉତ୍ପାଦନ ନିମନ୍ତେ କୁଟିଆକନ୍ଧମାନେ କ୍ଷେତରେ ପ୍ରାକୃତିକ ସାର ବ୍ୟବହାର କରନ୍ତି । ମୁଖ୍ୟତଃ ଗୋରୁ ଗୋବରକୁ ସାର ଭାବରେ ଜମିରେ ବ୍ୟବହାର କରାଯାଏ । ଚାରିକଡ଼େ ଥିବା ପାହାଡ଼ରୁ ବହିଆସିଥିବା ଜଳାଧାର ବା ଝରଣା ଜଳ ସନ୍ନିକଟ ଭୂମି ପ୍ରାୟତଃ ଆର୍ଦ୍ର । କୁଟିଆମାନେ ଆର୍ଦ୍ର ତଇଲା ଜମିକୁ ଅଧିକ ପସନ୍ଦ କରନ୍ତି । ସେମାନେ ବହୁଥିବା ଜଳଧାର ଓ ଝରଣାର ସ୍ରୋତକୁ ଜମି ଆଡ଼କୁ ନେଇ ଜଳସେଚନର ସୁବିଧା କରିଥାନ୍ତି ।

 କୁଟିଆକନ୍ଧ ମାନଙ୍କର ସଂସ୍କୃତି ବେଶ ଉନ୍ନତ । ପାରମ୍ପରିକ ବୈଷୟିକ କଳା କୌଶଳରେ କୁଟିଆ ସମୃଦ୍ଧ ଓ ସୃଜନଶୀଳ । କିଛି ଗୋଟାଏ ନୂଆକରି ସୃଷ୍ଟି କରିବାର ଇଛା ତାଙ୍କ ମନରେ ବସା ବାନ୍ଧିଥାଏ । କୁଟିଆର ଘର, ଶିକାର ଉପକରଣ; କୃଷି ଉପକରଣ ମାଛଧରା ଜାଲ ଓ ଅନ୍ୟାନ୍ୟ ଖାପ୍, ବାଦ୍ୟଯନ୍ତ୍ର, ପୋଷାକ ପରିଛଦ, ଅଳଙ୍କାର, ବାସନ କୁସନ ଓ ଘରକରଣା ଆସବାବ ପତ୍ର ସବୁଥିରୁ କୁଟିଆର କଳା ଅବବୋଧର ନିଖୁଣ ପରିଚୟ ମିଳେ । କୁଟିଆକନ୍ଧ ଗୋଷ୍ଠୀର ପ୍ରତି ବ୍ୟକ୍ତି କିଛି ନା କିଛି କଳାରେ ଦକ୍ଷତା ହାସଲ କରିଥାଏ । କୁଟିଆମାନେ ବିଭିନ୍ନ ପ୍ରକାରର ଧନୁ ଓ ତୀର ବ୍ୟବହାର କରନ୍ତି । ଏହାଛଡ଼ା ଟାଙ୍ଗିଆ, ବର୍ଚ୍ଛା, ଖଣ୍ଡା, ଛୁରୀ, କୋଦାଳ, ଯନ୍ତା, ଢ଼ାଲ, ବନ୍ଧୁକ, ପ୍ରଭୃତି ବ୍ୟବହାରରେ ଆଣିଥାନ୍ତି । ଲୁହା କଣ୍ଟାଯୁକ୍ତ ମୁନିଆ କାଠି, ଖଣତି, ବିଦା, ଦା, ଲଙ୍ଗଳ, କୁଆଳି ଇତ୍ୟାଦି ଅନେକ ପ୍ରକାର କୃଷି ଉପକରଣ ବଂଶୀ, ଢ଼ୋଲ, ଚାଙ୍ଗୁ, ଭାଓଲିନ୍, ଶିଙ୍ଗା, ନାଗରା, ଧନୁ, ଗିନି ଇତ୍ୟାଦି ସଙ୍ଗୀତ ଓ ବାଦ୍ୟଯନ୍ତ୍ର ଉପକରଣ । ଏହାଛଡ଼ା ବାଉଁଶ ନିର୍ମିତ ଟୋକେଇ, ପାଛିଆ ଏବଂ କୁମ୍ଭାର ନିର୍ମିତ ମାଟି ପାତ୍ର ବ୍ୟବହାର କରିଥାନ୍ତି ।





କେତେକ କୁଟିଆ ପୁରୁଷ କାଠ ଓ ବାଉଁଶ କାମରେ ବିଶେଷ ପାରଦର୍ଶୀତା ହାସଲ କରିଥାନ୍ତି । କାଠ, ବାଉଁଶ, ସିଙ୍ଗ, ପତ୍ର, ପଥର ଆଦି ବ୍ୟବହାର କରି ନିଜ କଳାର ପରାକାଷ୍ଠ ପ୍ରଦର୍ଶନ କରନ୍ତି । ଗୃହୋପଯୋଗୀ ଉପକରଣ ମଧ୍ୟରେ ପଥରଶିଳ; ଘୋରଣୀ, ହେମଦସ୍ତା; ପତ୍ର ନିର୍ମିତ ଛତା, ଟୋପି ଅନ୍ୟତମ । ନିଜେ ବ୍ୟବହାର କରୁଥିବା ଧୂଆଁନଳୀ, ଧୂଆଁପତ୍ର, ତମାଖୁ



ସେବନ ପାତ୍ର, ଛୁରୀ ଆଦିରେ ବିଭିନ୍ନ ଚିତ୍ର ଖୋଦେଇ କରି ତାହାକୁ ଆକର୍ଷଣୀୟ କରିଥାନ୍ତି । ବ୍ୟବହାର କରୁଥିବା ଜିନିଷରୁ ସେମାନଙ୍କର ସଂସ୍କୃତିର ପରିଚୟ ମିଳେ ।


ସୁନ୍ଦର ସୁନ୍ଦର ହାର ତଥା ଚିତ୍ରିତ ନାସଦାନୀ କ୍ରମଶଃ ବିଲୁପ୍ତି ପଥରେ ପାଦଦେଇଛି । ଏହାର ସଂରକ୍ଷଣ ତଥା ବିକାଶ ଜରୁରୀ ହୋଇପଡ଼ିଛି । ସେ ଯାହାହେଉ କେତେକ କୁଟିଆ ଗ୍ରାମରେ ପାରମ୍ପରିକ କଳାର ବିକାଶ ନିମନ୍ତେ ସେମାନଙ୍କ ପ୍ରଚେଷ୍ଟା ଜାରି ରଖିଛନ୍ତି ।

କୁଟିଆକନ୍ଧ ପରିବାରରେ ଝିଅମାନେ ପିଲାବେଳୁ ବିଭିନ୍ନ ପ୍ରକାର ସୁନ୍ଦର ଅଳଙ୍କାର ପିନ୍ଧନ୍ତି । ପୋହଳାର ରଙ୍ଗିନ୍‌ମାଳୀ ଓ ବିଭିନ୍ନ ପ୍ରକାର ରୁପା ଅଳଙ୍କାର ପ୍ରତି କୁଟିଆ କିଶୋରୀ ଆକର୍ଷିତ । ମହମ ତରଳା ପଦ୍ଧତିରେ ଅନୁସୂଚିତ ଜାତି ଦ୍ୱାରା ନିର୍ମିତ ପିତ୍ତଳ ଅଳଙ୍କାର କିଣି ସେମାନେ ବ୍ୟବହାର କରନ୍ତି । କାନରିଙ୍ଗ୍, (କାନଫୁଲ) ମୁଣ୍ଡ କ୍ଲିପ୍, ମୁଣ୍ଡକଣ୍ଟା, ବେକମାଳୀ, ପାନିଆଁମାଳୀ, ମଞ୍ଜିମାଳ, ତାଳପତ୍ର ଖୋଦେଇ ମୁଣ୍ଡବନ୍ଧା ପଟି ଆଦି ସେମାନଙ୍କ ପରିଧେୟ । ଏହା ସେମାନଙ୍କ ସମ୍ଭ୍ରାନ୍ତର ପରିଚାୟକ । କୁଟିଆ ରମଣୀମାନେ ଦୁଇ ଖଣ୍ଡ କପଡ଼ା ପିନ୍ଧୁଥିବାର ଦେଖାଯାଏ । ଖଣ୍ଡେ କପଡ଼ାକୁ ଅଣ୍ଟାରେ ଗୁଡ଼େଇ ପିନ୍ଧନ୍ତି । ଆଉଖଣ୍ଡେ କପଡ଼ା ବେକଠାରୁ ଅଣ୍ଟାଯାଏ ଲମ୍ବିଥାଏ । ଏହି ଖଣ୍ଡକ ଶରୀରର ଉପର ଅଂଶକୁ ଘୋଡ଼େଇ ରଖିବାରେ ସାହାଯ୍ୟ କରେ । ତାଳପତ୍ର ନିର୍ମିତ କପାଳ ବାନ୍ଧେଣୀ ଦେଖିବାକୁ ସୁନ୍ଦର । ପାରମ୍ପରିକ ବେଶପୋଷାକ, ସାଜସଜ୍ଜା ସାଙ୍ଗକୁ ମୁହଁରେ ଚିତାକୁଟେଇବାର ଶୈଳୀ ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ମହତ୍ତ୍ୱର ବାର୍ତ୍ତା ବହନ କରେ । ପୁରୁଷମାନେ ଧୋତି ପିନ୍ଧନ୍ତି । ପୁରୁଷଙ୍କ କେଶ ବିନ୍ୟାସ ଓ ନାକ, କାନ, ବେକରେ ଲଗାଉଥିବା ବିବିଧ ଅଳଂଙ୍କାର ତାଙ୍କ ଆଭୁଷଣ ପ୍ରିୟତାର ସୂଚକ ।




କୁଟିଆମାନେ କଠିନ ପରିଶ୍ରମୀ । ସେମାନେ ଭଲ ଫସଲ ଆମଦାନୀ ହେବାର ଲକ୍ଷ୍ୟ ରଖି ପୋଡୁ କ୍ଷେତରେ ଦିନ ରାତି କଠିନ ପରିଶ୍ରମ କରନ୍ତି । ଡ଼ାଲିଜାତୀୟ ଫସଲ ଓ ତେଲବୀଜ ଜାତୀୟ ଫସଲର ପ୍ରମୁଖ ଅଂଶକୁ ବଜାରରେ ବିକ୍ରି କରି ଦୁଇ ପଇସା ରୋଜଗାର କରନ୍ତି । ମହିଳାମାନେ ସଂଗ୍ରହ କରୁଥିବା ଲଘୁ ବନଜାତ ଦ୍ରବ୍ୟ ମଧ୍ୟ ବଜାରରେ ବିକ୍ରିକରିବା ଦ୍ୱାରା କିଛି ଅର୍ଥ ରୋଜଗାର ହୋଇଥାଏ । ବେଳେବେଳେ ପୁରୁଷମାନେ ମଧ୍ୟ ବନଜାତ ଦ୍ରବ୍ୟ ସଂଗ୍ରହରେ ଲାଗି ପଡ଼ନ୍ତି । ସମବାୟ ସମିତି ଜରିଆରେ ସଂଗୃହୀତ ଦ୍ରବ୍ୟକୁ ବିକ୍ରିବଟା କରାଯାଏ । ଏହାଦ୍ୱାରା କୁଟିଆମାନେ ଠକାମିର ଶିକାର ହୋଇ ନ ଥାନ୍ତି ।





କୁଟିଆମନେ ରକ୍ଷଣଶୀଳ ଓ ସ୍ୱାଭିମାନୀ । ନିଜ ଗୌରବରେ ନିଜେ ଗୌରବାନ୍ୱିତ । ବର୍ତ୍ତମାନ ଯୁଗରେ ମଧ୍ୟ କେତେକ ଅଗମ୍ୟ କୁଟିଆ ଗାଁର ଲୋକମାନେ ଅର୍ଥ



ଉପାର୍ଜନ ନିମନ୍ତେ ପରଘରକୁ ଯିବାକୁ ପସନ୍ଦ କରନ୍ତି ନାହିଁ । କୃଷିକ୍ଷେତ୍ରରେ ଦିନ ମଜୁରିଆ ଭାବରେ କାମ କରିବାକୁ ସେମାନଙ୍କ ଆଗ୍ରହ ନଥାଏ । ରାସ୍ତାନିର୍ମାଣ, ବନୀକରଣ ଯୋଜନାରେ ବୃକ୍ଷରୋପଣ, ଆଦି କାମରେ ରଚି ରଖିଥାନ୍ତି । ଆବଶ୍ୟକ ହେଲେ ଗୃହପାଳିତ ପଶୁପକ୍ଷୀ ଗୁଡ଼ିକୁ ବଜାରରେ ବିକ୍ରିକରି ସେହି ଅର୍ଥରେ ନିଜର ପାରିବାରିକ ଖର୍ଚ୍ଚ ଭରଣା କରନ୍ତି । ଅଳ୍ପ କେତେକ କୁଟିଆକନ୍ଧ ବେସରକାରୀ ଅନୁଷ୍ଠାନ, କମ୍ପାନୀ ଓ ସରକାରୀ କାର୍ଯ୍ୟାଳୟରେ କାମ କରିବାକୁ ଏବେ ବାହାରିଲେଣି ।

ତାଙ୍କ ଆୟର ପ୍ରମୁଖ ଅଂଶ ପର୍ବପର୍ବାଣି, ଦେବଦେବୀ ପୂଜା, ବିବାହ ଉତ୍ସବ ଆଦିରେ ଖର୍ଚ୍ଚ ହୋଇଯାଏ । ବଳକା ଅର୍ଥ ଖାଦ୍ୟପେୟରେ ଖର୍ଚ୍ଚହୁଏ । ସାପ୍ତାହିକ ହାଟରୁ କୁଟିଆମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯଥା ତେଲ, ଲୁଣ, ଲଙ୍କା, ପରିଧାନ ବସ୍ତ୍ର, କୃଷିଉପକରଣ ଆଦି କିଣନ୍ତି । ଘରଛପର ଓ ମରାମତି କାମ କରିବାରେ କିଛି ଟଙ୍କା ଖର୍ଚ୍ଚ କରିବାକୁ ହୁଏ । କୁଟିଆ ସମାଜରେ ବୟସ ଓ ଲିଙ୍ଗ ଭେଦରେ ଖର୍ଚ୍ଚ କରିବାର ଧାରା ନିଆରା ।



ଯୁବକମାନେ ପୋଷାକ ପତ୍ର କିଣିବା ଓ ନିଶା ସେବନ ତଥା ଧୂମପାନାଦିରେ ଅର୍ଥ ବ୍ୟୟ କଲାବେଳେ ତରୁଣୀମାନେ ଭଲ ପାଉଥିବା ପୁରୁଷ ବନ୍ଧୁ ନିମନ୍ତେ ଅଳଙ୍କାରାଦି ମନୋହାରୀ ପଦାର୍ଥ କିଣନ୍ତି । ଅବିବାହିତମାନେ ବଜାରରୁ ଅନେକ ପ୍ରସାଧନ ସାମଗ୍ରୀ କିଣିବାର ଦେଖାଯାଏ । ବର୍ତ୍ତମାନ କାଳରେ କୁଟିଆକନ୍ଧ ସମାଜରେ ସାଇକେଲ, ରେଡ଼ିଓ, ଟର୍ଚ୍ଚଲାଇଟ୍, ଛତା, ଜୋତା ଆଦିର ପ୍ରଚଳନ ବଢ଼ିଛି । ଦୈନନ୍ଦିନ ଜୀବନରେ ଆଧୁନିକ ଘରକରଣା ଜିନିଷର ବ୍ୟବହାର ବଢିଲାଣି ।





ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ଅନେକ କୁଟିଆକନ୍ଧ ରଣ କରିବାକୁ ବାଧ ହୁଅନ୍ତି । ନିଜ ସମ୍ପ୍ରଦାୟ ଓ ଅନ୍ୟ ସଂପ୍ରଦାୟର ଥିଲାବାଲା ଲୋକେ ରଣ ଦିଅନ୍ତି । ଖାଦ୍ୟ ଅଭାବ; ଝିଅ ବାହାଘର, ଜନ୍ମ, ମୃତ୍ୟୁ, ବିବାହ ଓ ବିଭିନ୍ନ ପର୍ବ ପର୍ବାଣି ପାଳନ ଅବସରରେ ଅଧିକ ଖର୍ଚ୍ଚକୁ ମେଣ୍ଟାଇବା ନିମନ୍ତେ ରଣ କରିବାକୁ ପଡ଼େ । ବେଳେବେଳେ ନିଶାଖାଇବାଟା ଅଭ୍ୟାସରେ ପରିଣତ ହୋଇଗଲେ ଧାର କରଜ କରିବାକୁ ପଡ଼େ । ପରିବାରରେ କେହି ଦୀର୍ଘଦିନ ରୋଗରେ ପଡ଼ିଲେ ତା'ର ଚିକିତ୍ସା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକ ହୁଏ । ପାଖରେ ସଂଚିତ ଅର୍ଥ ନ ଥିଲେ ରଣ କରିବା ଛଡ଼ା ଆଉ ଅନ୍ୟ ବାଟ ନଥାଏ । ସେହିପରି ପ୍ରାକୃତିକ




ଦୁର୍ବିପାକରେ ଫସଲହାନୀ; କେନ୍ଦୁ ପର୍ବ ପାଳନ; ମାଲି ମୋକଦ୍ଦମା ଆଦିରେ ଋଣ କରିବାକୁ ହୋଇଥାଏ ।

ଅନୁସୂଚିତ ଜାତି ବ୍ୟବସାୟୀ ଓ ସ୍ଥାନୀୟ ସାହୁକାରମାନେ କୁଟିଆମାନଙ୍କୁ ଅଭାବ ସମୟରେ ଟଙ୍କା ପଇସା ତଥା ଚଳିବା ନିମନ୍ତେ ଆବଶ୍ୟକ ଜିନିଷପତ୍ର କରଜ ସୂତ୍ରରେ ଦେଇ ଚଢ଼ାଦରରେ ସୁଧ ସହିତ ଅର୍ଥ ଆଦାୟ କରି ଶୋଷଣ କରନ୍ତି । କୁଟିଆକନ୍ଧମାନେ ଠିକ୍ ସମୟରେ ସୁଧ ସହିତ ମୂଳ ପରିଶୋଧ କରିଦିଅନ୍ତି । ଋଣ ଆଣିବା ଓ ଋଣ ପରିଶୋଧ କରିବାରେ କୁଟିଆମାନେ ସବୁବେଳେ ବିଶ୍ୱସ୍ତ । ଯେତେବେଳେ ଆବଶ୍ୟକ ହୁଏ ସେତେବେଳେ କୁଟିଆମାନେ ବ୍ୟବହାର କରୁଥିବା ଅଳଙ୍କାର, ଘରକରଣା ଜିନିଷ; ଜମି ଆଦିକୁ ବନ୍ଧକ ଦେଇ ସାହୁକାରଠାରୁ ଟଙ୍କା ଆଣନ୍ତି ।

ପୁରୁଷ ଓ ମହିଳାମାନେ ଭିନ୍ନ ଭିନ୍ନ କର୍ମରେ ନିଯୁକ୍ତ ହୁଅନ୍ତି । କେତେକ କାମକୁ ଉଭୟେ ମିଳିମିଶି କରନ୍ତି । ରାନ୍ଧିବା; ଧାନକୁଟିବା; ଘର ଲିପାପୋଛା କରିବା ଆଦି କର୍ମ ପ୍ରାୟତଃ ମହିଳାମାନେ କରନ୍ତି । କୁଟିଆ ମହିଳାମାନେ ଅତ୍ୟନ୍ତ କର୍ମନିପୁଣା । ମିଳିମିଶି ହସଖୁସିରେ ଏକାଠି ହୋଇ କାମ କରିବା ଗୋଷ୍ଠୀ ସମ୍ପୃକ୍ତିର ପରିଚୟ ଦିଏ । ଫସଲ କାଟିବା; ଅମଳ କରିବା; ଘରବାରି ପରିବେଶ ସଫା ସୁତୁରା କରିବା ଆଦି କାମରେ କୁଟିଆ ମହିଳା ନିଜର ପାରଦର୍ଶୀତା ଦେଖାଇଥାଏ । ସାମାଜିକ ଆବଶ୍ୟକତାକୁ ନେଇ ପୁରୁଷ ଓ ମହିଳାମାନଙ୍କ କର୍ମରେ ସ୍ୱତନ୍ତ୍ରତା ଦେଖାଯାଏ । ପରିଣତ ବୟସରେ ବୁଢ଼ାବୁଢ଼ୀମାନେ କଠିନ କାମ ନକଲେ ମଧ୍ୟ ନିଜ ବଳ ଓ କ୍ଷମତା ମୁତାବକ ଯେତିକି ପାରିବେ ସେହି ଅନୁସାରେ ସହଜ କାମ କରିଥାନ୍ତି ।



ଗୋଟିଏ ସମାଜରେ ଏକାଠି ବସବାସ କରୁଥିବା ବିଭିନ୍ନ ଜାତି ଓ ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ସମ୍ପର୍କ ରହିଥାଏ । ଏହି ଆଧାରରେ କୁଟିଆକନ୍ଧମାନେ ସେମାନଙ୍କ ଅଞ୍ଚଳରେ ବାସ କରୁଥିବା ଅନ୍ୟ ବର୍ଗର ଜନସାଧାରଣଙ୍କ ସହିତ ସୁ-ସମ୍ପର୍କ ସ୍ଥାପନ କରି ସାମାଜିକ ଚଳଣିର ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିଥାନ୍ତି । ସେମାନଙ୍କର ଅନୁସୂଚିତ ଜାତିର ଡ଼ମ୍ବ ଓ ସାଧରଣ ବର୍ଗର ସାହୁକାର ମାନଙ୍କ ସହିତ ଅର୍ଥନୈତିକ ସମ୍ପର୍କ ରହିଥାଏ । ବୁଲାବିକାଳୀ ମାନେ ବିଭିନ୍ନ ପ୍ରକାର ଘରଚଳଣି ଜିନିଷ ନେଇ କୁଟିଆକନ୍ଧ ରହୁଥିବା ଗାଁ ଗୁଡ଼ିକରେ ବିକ୍ରି କରନ୍ତି । ବ୍ୟବସାୟୀ ଗୋଷ୍ଠୀର ଲୋକମାନେ ଜଙ୍ଗଲଜାତ ଦ୍ରବ୍ୟ ଓ ଋତୁକାଳୀନ ଫସଲ ସଂଗ୍ରହ କରିବା ନିମନ୍ତେ କୁଟିଆ କନ୍ଧ ଗାଁକୁ ଯାଆନ୍ତି ।





ଏବେ ମଧ୍ୟ କୁଟିଆ ସମାଜରେ ବିନିମୟ ପ୍ରଥା ରହିଛି, ଧାନ, ଚାଉଳ ବଦଳରେ ଡ଼ାଲିଜାତୀୟ ଫସଲ ହେଉ ବା ଆଉ କ'ଣ ହେଉ ଚାହିଦା ମୁତାବକ ଏହି ଅଦଳ ବଦଳ ପ୍ରଥା ଏବେ ମଧ୍ୟ ବଳବତ୍ତର ରହିଛି । କୁଟିଆ ମାନଙ୍କ ନିମନ୍ତେ ବଜାର କେବଳ ଅର୍ଥନୈତିକ ନେଣ ଦେଣ କାରବାରର ସ୍ଥଳ ନୁହେଁ ବରଂ ସାମାଜିକ ଓ ସାଂସ୍କୃତିକ ଭାବ ବିନିମୟର ଏକ ପ୍ରମୁଖ ମିଳନ କ୍ଷେତ୍ର ।

କୁଟିଆ କନ୍ଧମାନଙ୍କ ମଧ୍ୟରେ ସାମାଜିକ ଏକତା ରହିଥାଏ । ସେମାନେ ବ୍ୟକ୍ତି ଅପେକ୍ଷା ଗୋଷ୍ଠୀ ଉପରେ ଅଧିକ ପ୍ରାଧାନ୍ୟ ଦିଅନ୍ତି । ଗୋଷ୍ଠୀଗତ ଭୋଜିଭାତ, ପର୍ବପର୍ବାଣିରେ କୁଟିଆମାନେ ଆଗ୍ରହର ସହିତ ଅଂଶଗ୍ରହଣ କରନ୍ତି । ଗୋଷ୍ଠୀ ଖର୍ଚ୍ଚ ତୁଲାଇବା ନିମନ୍ତେ ସ୍ୱତନ୍ତ୍ର ଗୋଷ୍ଠୀଜମା ଥାଏ । ପର୍ବପର୍ବାଣି ଅବସରରେ ଆବଶ୍ୟକ ଅର୍ଥ ଗୋଷ୍ଠୀଜମାରୁ ଖର୍ଚ୍ଚହୁଏ । କେଡୁ ପର୍ବରେ କୁଟିଆ ଅଞ୍ଚଳରେ ବାସ କରୁଥିବା ଅନ୍ୟ ବର୍ଗର ଲୋକମାନେ ମଧ୍ୟ ନିଜ କ୍ଷମତା ମୁତାବକ ଆର୍ଥିକ ସହାୟତା ନେଇ ସେହି ସାମାଜିକ ପର୍ବ ସହିତ ନିଜକୁ ସାମିଲ୍ କରିଦିଅନ୍ତି ।

ଆର୍ଥିକ ଅବସ୍ଥା ଓ ଋତୁ ପରିବର୍ତ୍ତନକୁ ନେଇ କୁଟିଆମାନଙ୍କର ଖାଦ୍ୟାଭ୍ୟାସ ମଧ୍ୟ ବଦଳିଥାଏ । ମୁଖ୍ୟତଃ ଦିନକୁ ତିନିଥର ଖାଇବାକୁ ହୁଏ । ମାଣ୍ଡିଆ, ମକା, ବାଜରା ଓ ଚାଉଳକୁ ମୁଖ୍ୟ ଖାଦ୍ୟ ଭାବରେ ଗ୍ରହଣ କରାଯାଏ । ଏହାବ୍ୟତୀତ ବିଭିନ୍ନ ପ୍ରକାର ଶାଗ, ପନିପରିବା, ମାଂସ ଓ ଶୁଖୁଆ ମଧ୍ୟ ଖିଆଯାଏ । ବିଭିନ୍ନ ଋତୁରେ ମିଳୁଥିବା ଋତୁକାଳୀନ ଫଳମୂଳ, ଫୁଲ, ଛତୁ, କନ୍ଦା, ମଞ୍ଜି ଆଦିକୁ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି । ଗ୍ରୀଷ୍ମ ଋତୁରେ ମାଟିଆଳୁ, ବାଉଁଶ ଗଜା, ମହୁଲ ଫୁଲ, ଆମ୍ବ ଓ ପଣସ ଆଦିକୁ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ବର୍ଷାଋତୁରେ ଖାଦ୍ୟାଭାବ ଦେଖାଦେଲେ ପୂର୍ବରୁ ସଂଗୃହୀତ ଆମ୍ବକୋଇଲିକୁ ପାରମ୍ପରିକ ଭାବରେ ପ୍ରକ୍ରିୟା କରଣ କରି ଖାଇବା ସହିତ ନିଜର ଭୋକ ମେଣ୍ଟାଇଥାନ୍ତି ।




ଭାତ, କିମ୍ୱା ବାଜରା ସହିତ ଡ଼ାଲି, ଶାଗ,




କୁଟିଆମାନଙ୍କର ଦୈନନ୍ଦିନ ଖାଦ୍ୟ । କାମ କରିବା ସମୟରେ ସେମାନେ ନିଜର କର୍ମସ୍ଥଳୀକୁ ସାରା ପରିବାର ପାଇଁ ଖାଦ୍ୟ ନେଇଯାଆନ୍ତି । ସେମାନଙ୍କ ମଧ୍ୟରୁ କେତେକ ନିଜର କର୍ମସ୍ଥଳୀରେ ଅସ୍ଥାୟୀ କୁଡ଼ିଆ ତିଆରି କରି ସେଠାରେ ରୋଷେଇବାସ କାମ ମଧ କରନ୍ତି । ସେମାନେ ନିରାମିଷ ଖାଦ୍ୟ ଖାଇଲେ ମଧ ମାଛ, ମାଂସ, ଶୁଖୁଆ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ମଇଁଷି ମାଂସ ସେମାନଙ୍କର ଅଧିକ ପ୍ରିୟ । ପ୍ରସ୍ତୁତ ଖାଦ୍ୟକୁ ଖାଇ ସାରିବା ପରେ ଯାହା ବଳକା ରୁହେ ତାହାକୁ ପରବର୍ତ୍ତି ଦିନ ଖିଆଯାଏ । ସାମାଜିକ ଓ ଧାର୍ମିକ କଟକଣା ଯୋଗୁ ପୂଜାରେ ଦିଆଯାଇଥିବା ବଳି ମାଂସକୁ ମହିଳାମାନେ ଖାଆନ୍ତି ନାହିଁ କିମ୍ବା ରୋଷେଇ ମଧ କରନ୍ତି ନାହିଁ ।


କୁଟିଆ କନ୍ଧମାନେ କ୍ଷୀର ପିଅନ୍ତି ନାହିଁ । ଆଜିକାଲିର ଯୁବଗୋଷ୍ଠୀ ଗୋମାଂସ ଖାଉ ନାହାଁନ୍ତି । ଗର୍ଭବତୀ ମହିଳାମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଖାଦ୍ୟ ନିୟମ ରହିଛି । ଛୋଟ ପିଲାମାନଙ୍କ ନିମନ୍ତେ କୌଣସି ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା ନଥାଏ । ଦାରିଦ୍ର୍ୟ କାରଣରୁ କେତେକ କୁଟିଆକନ୍ଧ ଉପଯୁକ୍ତ ସୁଷମ ଓ ପୃଷ୍ଟିକର ଖାଦ୍ୟ ପାଆନ୍ତି ନାହିଁ । ଖାଦ୍ୟ ଅଭାବ ସମୟରେ ସରକାରୀ ସହାୟତା ଉପରେ ନିର୍ଭର କରନ୍ତି । କୁଟିଆ କନ୍ଧ ଅଞ୍ଚଳରେ ଥିବା ଅଣୁ-ପ୍ରକଳ୍ପ ଜରିଆରେ ଲୋକମାନଙ୍କୁ ଅଧିକ ଅମଳକ୍ଷମ ଧାନ ଓ ପରିପରିବା ଚାଷ ନିମନ୍ତେ ପ୍ରୋତ୍ସାହିତ କରାଯାଏ । ଏ ଦିଗରେ ଆବଶ୍ୟକ ପ୍ରଶିକ୍ଷଣ ମଧ ଦିଆଯାଏ ।



କୁଟିଆକନ୍ଧମାନେ ନିଜେ ପ୍ରସ୍ତୁତ କରିଥିବା ହାଣ୍ଡିଆ, ମହୁଲୀ ଓ ସଲପ ରସ ପିଇବାକୁ ଅଧିକ ପସନ୍ଦ କରିଥାନ୍ତି । ସାଧାରଣତଃ ସେମାନେ ହାଣ୍ଡିଆ ପିଅନ୍ତି । ପର୍ବପର୍ବାଣି ଓ ଉତ୍ସବାଦି ଅନୁଷ୍ଠାନରେ ହାଣ୍ଡିଆର ଚାହିଦା ଅଧିକ । ଏହାବ୍ୟତୀତ ସେମାନେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ବ୍ୟବହାର କରନ୍ତି । ସେମାନେ ପିଉଥିବା ପାନୀୟକୁ ଅଧିକ ନିଶାଯୁକ୍ତ କରିବା ନିମନ୍ତେ ହାଣ୍ଡିଆ ଓ ସଲପାଦି ରସରେ କେତେକ ଚେର-ମୂଳିକା ଔଷଧର ବ୍ୟବହାର କରାଯାଏ ।





# ସାମାଜିକ ସଂଗଠନ



କୁଟିଆକନ୍ଧମାନେ ସେମାନଙ୍କ ଦୃଢ ସାମାଜିକ ସଙ୍ଗଠନ ନିମନ୍ତେ ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସେମାନଙ୍କର ଭାଷା, ଭୁଖଣ୍ଡ ଓ ଜୀବନ ଶୈଳୀରେ ସ୍ୱାତନ୍ତ୍ର୍ୟ ରହିଛି । ଭିନ୍ନ ଭିନ୍ନ ସାମାଜିକ ଉଦ୍ଦେଶ୍ୟ ନେଇ କୁଟିଆମାନେ ବିଭିନ୍ନ ଦଳରେ ବିଭକ୍ତ । ବ୍ୟକ୍ତି ଓ ଦଳ ନିର୍ବିଶେଷରେ ସମସ୍ତଙ୍କର ସାମାଜିକ ସଙ୍ଗଠନ ପ୍ରତି ଆନୁଗତ୍ୟ ରହିଥାଏ । ସମସ୍ତେ ସାମାଜିକ ସଙ୍ଗଠନର ଜଣେ ସକ୍ରିୟ ସଭ୍ୟ ହିସାବରେ ବିଭିନ୍ନ ପର୍ବପର୍ବାଣି, ପୂଜା ଓ ଉତ୍ସବ ମାନଙ୍କରେ ଏକତା ସୂତ୍ରରେ ବାନ୍ଧି ହୋଇଯାଆନ୍ତି । ପ୍ରଚଳିତ ପାରମ୍ପରିକ ସାମାଜିକ ନିୟମକୁ ବ୍ୟକ୍ତି ଓ ଦଳ ସମ୍ମାନ ଦିଅନ୍ତି । ସାମାଜିକ ନୀତିନିୟମ ଭିତରେ ବିଭିନ୍ନ ପରଂପରା ଓ ଅନୁଷ୍ଠାନ ନିମନ୍ତେ ଗୋଷ୍ଠୀ ଭିତ୍ତିରେ ନିୟମର ଅନୁଗାମୀ ହୋଇ ଚଳିବା କୁଟିଆମାନଙ୍କର ପ୍ରଥମ ଓ ପ୍ରଧାନ ଧର୍ମ । ପ୍ରତ୍ୟେକ ଗୋଷ୍ଠୀ ଅପର ଗୋଷ୍ଠୀ ସହ ରକ୍ତ ସମ୍ପର୍କ ଓ ଭାବଗତ ସମ୍ପର୍କରେ ଅନୁବନ୍ଧିତ । କ







କୁଟିଆକନ୍ଧ ସମାଜରେ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପରିବାର ଏକ କ୍ଷୁଦ୍ର ସାମାଜିକ ଏକକ । ଏହା ମୁଖ୍ୟତଃ ଏକକୁଟୁମ୍ବୀ, ପିତୃ କୈନ୍ଦ୍ରିକ, ପିତୃ ବଂଶଜ ଏକକ ହିସାବରେ ଗଠିତ ।


ଅନ୍ୟାନ୍ୟ ଜନଜାତି ଗୋଷ୍ଠୀପରି ଆର୍ଥିକ - ସାମାଜିକ ଓ ଧାର୍ମିକ କ୍ଷେତ୍ରର କାର୍ଯ୍ୟାବଳୀ ପରିବାରକୁ କେନ୍ଦ୍ରକରି ପରିଚାଳିତ ହୁଏ । ସ୍ୱାମୀ ସ୍ତ୍ରୀ ଓ ଅବିବାହିତ ପୁତ୍ର କନ୍ୟା ଗୋଟିଏ ଛାତତଳେ, ଗୋଟିଏ ରୋଷେଇରେ ପରସ୍ପର ଭିତରେ ସ୍ନେହ, ସାହାଯ୍ୟ ଓ ସହାନୁଭୂତିର ଆବେଷ୍ଟନରେ ଏକାଠି ଚଳନ୍ତି । ପୁଅ ବାହା ହେଲାପରେ ଗ୍ରାମବାସୀଙ୍କ ସହଯୋଗରେ ନିଜର ସ୍ୱତନ୍ତ୍ର ଘର ତିଆରି କରେ । ପିତାମାତା



ଜୀବିତ ଥିଲେ କନିଷ୍ଠ ପୁତ୍ର ପାଖରେ ପରିଣତ ବୟସରେ ରୁହନ୍ତି । ବୃଦ୍ଧ ପିତାମାତାଙ୍କ ଆବଶ୍ୟକ ଯତ୍ନ ନିଆଯାଏ । ଏହା ସହିତ ବିଧବା ମା' ଓ ଅବିବାହିତା ଭଉଣୀଙ୍କୁ ଉପଯୁକ୍ତ ଧ୍ୟାନ ଦିଆଯାଏ ।

ଜଣେ କୁଟିଆ ପୁରୁଷ ଏକାଧିକ ବିବାହ କରିପାରେ । କୁଟିଆ ଓ ତା'ର ଓ ପିଲାମାନେ ଗୋଟିଏ ଘରେ ଗୋଟିଏ ରୋଷେଇରେ ଏକାଠି ମିଳିମିଶି ସାମାଜିକ ଜୀବନ ବିତାଇଥାନ୍ତି ।

କୁଟିଆ ସମାଜରେ ଛାଡ଼ପତ୍ର ଓ ପୁନର୍ବିବାହ ପ୍ରଥା ପ୍ରଚଳିତ । କେତେକ ଗାଁରେ ଏକ ସଦସ୍ୟ ; ଦୁଇସଦସ୍ୟ ଓ ବହୁସଦସ୍ୟ ବିଶିଷ୍ଟ ପରିବାର ଦେଖାଯାଆନ୍ତି । ବେଳେବେଳେ ଦୂର ସମ୍ପର୍କୀୟମାନେ ପାଖ ସମ୍ପର୍କୀୟ ଘରେ ଅତିଥି ଭାବରେ ରହିଥାନ୍ତି । ସେମାନଙ୍କର ଉପଯୁକ୍ତ ଯତ୍ନ ନିଆଯାଏ । ଥିଲାବାଲା ନ ଥିଲାବାଲାଙ୍କୁ ସାଧ୍ୟମତେ ସାହାଯ୍ୟ କରୁଥିବାର ଦେଖାଯାଏ । ପରିବାରରେ ବୟୋଜ୍ୟେଷ୍ଠ ପୁରୁଷଙ୍କ ମତାମତକୁ ପ୍ରାଧାନ୍ୟ ଦିଆଯାଏ । କୁଟିଆ ପରିବାରରେ ସ୍ତ୍ରୀମାନେ ନିରଳସ ଓ କର୍ମଠ । ସେମାନେ ଦିନରାତି ପରିବାର କାମରେ ଲାଗିଥାନ୍ତି । ମୋଟାମୋଟି ଭାବରେ ନିଜର ସ୍ୱାମୀ ଓ ନିଜ ପରିବାର ପାଇଁ ସେମାନେ ଏକ ତ୍ୟାଗପୂତ ଜୀବନ ବିତାଇଥାନ୍ତି । ସାନ ବଡ଼ ସବୁ ପ୍ରକାର ପାରିବାରିକ କର୍ମରେ କର୍ମନିପୁଣା କୁଟିଆ ମହିଳାମାନେ ସକ୍ରିୟ ଭାଗ ନେଉଥିଲେ ମଧ୍ୟ ସେମାନଙ୍କ ସାମାଜିକ ସ୍ଥାନ ଓ ସମ୍ମାନ କେବେହେଲେ ନ୍ୟୁନ ହୁଏନାହିଁ । ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଉତ୍ତମ ବୁଝାମଣା ଥାଏ । ପରିବାରରେ ପିଲାଟିଏ ଜନ୍ମହେଲେ ପୁରୁଷ ସ୍ତ୍ରୀର ସବୁପ୍ରକାର ଯତ୍ନନିଏ । ଧାର୍ମିକ ବିଧାନ ଓ ପୂଜା ଇତ୍ୟାଦି ବିଧି ମୁତାବକ କରାଯାଏ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସବୁପ୍ରକାର ସ୍ନେହ-ସାହାଯ୍ୟ ଓ ସହଯୋଗ ସତ୍ତ୍ୱେ ବେଳେବେଳେ ମନୋମାଳିନ୍ୟ ହୁଏ । ଉତ୍ତମ ବୁଝାମଣା ଅଭାବରୁ ପାରିବାରିକ କଳହର ସୂତ୍ରପାତ ହୁଏ । ଘଟଣାକ୍ରମେ ଦାମ୍ପତ୍ୟ ଜୀବନରେ ଫାଟ ସୃଷ୍ଟିହୁଏ । ଏହି ଫାଟ ଓ ଦୂରତ୍ୱ ବଢ଼ିବଢ଼ି ଛାଡ଼ପତ୍ର ପର୍ଯ୍ୟନ୍ତ କଥାଯାଏ ।








ପିଲାମାନଙ୍କୁ ଭଲ ପାଇବା; ସେମାନଙ୍କ ଯତ୍ନନେବା, ଉପଯୁକ୍ତ ଲାଳନ ପାଳନ କରିବା ଓ ଛୋଟ ଛୋଟ ଦୋଷକୁ କ୍ଷମାଦେବାରେ କୁଟିଆମାନେ ସବୁବେଳେ ଆଗୁଆ । ଛୋଟ ପିଲାମାନଙ୍କର ସେବା ଯତ୍ନରେ ମା'ର ଅଗ୍ରଣୀ ଭୂମିକା ଥାଏ । ଆବଶ୍ୟକ ସ୍ଥଳେ ବାପା ସାହାଯ୍ୟ କରନ୍ତି । ପିଲା ବୟସରେ ଝିଅଟି ମା ସହିତ ଓ ପୁଅଟି ତା ବାପା ସହିତ କର୍ମକ୍ଷେତ୍ରରେ ସାଥୀ ହୋଇଥାଏ । କୌଣସି ବାଛ ବିଚାର ନ ରଖି ପୁଅ ଓ ଝିଅଙ୍କୁ କୁଟିଆମାନେ ସମାନ ଭାବରେ ଭଲ ପାଇଥାନ୍ତି ।





କୁଟିଆ ସମାଜରେ ପରିବାର ବ୍ୟତୀତ ସାମାଜିକ ସାଂସ୍କୃତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ କୁଟୁମ୍ବ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ । ବହୁ ପରିବାରର ଏକ ମିଳିତ ସ୍ୱରୂପ ହେଉଛି କୁଟୁମ୍ବ । ଗୋଟିଏ କୁଟୁମ୍ବର ସଦସ୍ୟ ମାନଙ୍କ ମଧ୍ୟରେ ଦୃଢ ସାମାଜିକ ବନ୍ଧନ ରହିଥାଏ ।  ଜନ୍ମ, ମୃତ୍ୟୁ ଓ ବିବାହ ଆଦି ଗୁରୁତ୍ୱପୂର୍ଣ୍ଣ ସାମାଜିକ ଅନୁଷ୍ଠାନରେ କୁଟୁମ୍ବର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏପରିକି ନିଜ ଗାଁ ମାଟି ଛାଡ଼ି କୁଟୁମ୍ବର ଜଣେ ଅନ୍ୟ ଗାଁରେ ବାସ କଲେ ମଧ୍ୟ ନିଜ ଗାଁ, ନିଜ ମାଟି, ନିଜ କୁଟୁମ୍ବର ସଦସ୍ୟମାନଙ୍କ ସହିତ ତା'ର ଏକ ଆବେଗିକ ସମ୍ପର୍କ ରହିଥାଏ । ଗୋଟିଏ କୁଟୁମ୍ବର ସଦସ୍ୟ ଯେତେ ଦୂରରେ ଥିଲେ ମଧ୍ୟ ରକ୍ତ ସମ୍ପର୍କକୁ କେହି ତୁଟେଇ ପାରେନାହିଁ ।

ଗୋଟିଏ ବଂଶ ବହୁକୁଟୁମ୍ବକୁ ନେଇ ଗଠିତ । ପୂର୍ବେ ଗୋଟିଏ ବଂଶର ଲୋକମାନେ ଗୋଟିଏ ଗାଁରେ ରହୁଥିଲେ । ବର୍ତ୍ତମାନ ଗୋଟିଏ ଗାଁରେ ବହୁ ବଂଶର ଲୋକେ ବସବାସ କରୁଥିବାର ଦେଖାଯାଉଛି । ତଥାପି ସବୁବଂଶର ଲୋକଙ୍କ ମଧ୍ୟରେ ସୁ-ସମ୍ପର୍କ ରହିଛି । ସମସ୍ତଙ୍କର ପୂର୍ବପୁରୁଷ ଏକ ବୋଲି ବିଶ୍ୱାସ କରାଯାଏ । କୁଟିଆ କନ୍ଧମାନଙ୍କ କେଡୁ ପର୍ବ ପାଳନ ବେଳେ ଗୋଟିଏ ବଂଶର ସମସ୍ତେ ଅଂଶ ଗ୍ରହଣ କରନ୍ତି। ଗୋଟିଏ ବଂଶର ପୁଅ-ଝିଅଙ୍କ ମଧ୍ୟରେ ଯୌନସମ୍ପର୍କକୁ ସାମାଜିକ ଅପରାଧ ବୋଲି ଧରାଯାଏ ।


କୁଟିଆ କନ୍ଧମାନେ ସେମାନଙ୍କ ବଂଶୀୟ ସଙ୍ଗଠନ ନିମନ୍ତେ ଜଣାଶୁଣା । ଗୋଟିଏ ଗାଁରେ ବାସ କରୁଥିବା ଏକବଂଶୀୟ ଲୋକମାନେ କ୍ରମଶଃ ସମୟ ସ୍ରୋତରେ ବହୁବଂଶୀୟ ହୋଇଥିବାର ଦେଖାଯାଏ । ଯାହା ହେଲେବି ଗୋଟିଏ ଗାଁରେ ବାସ କରୁଥିବା ବହୁ ବଂଶର ଜନସାଧାରଣଙ୍କ ମଧ୍ୟରୁ କୌଣସି ନା କୌଣସି ଗୋଟିଏ ବଂଶର ଅଧିକ ପ୍ରାଧାନ୍ୟ ଥାଏ । ବୈବାହିକ



ସମ୍ପର୍କ କଥା ବିଚାରକୁ ନେଲାବେଳେ ବଂଶୀୟ ବିଚାର ପ୍ରତି ଧ୍ୟାନ ଦିଆଯାଏ ଗୋଟିଏ ଗାଁରେ ବାସ କରୁଥିବା ପୁଅ-ଝିଅଙ୍କ ମଧ୍ୟରେ ବିବାହ ସମ୍ପର୍କ ସ୍ଥାପିତ ହୁଏନାହିଁ । ଏପରିକି ଭିନ୍ନବଂଶର ପୁଅଝିଅମାନେ ମଧ୍ୟ ଗୋଟିଏ ଗାଁରେ ରହୁଥିବା କାରଣରୁ ନିଜ ନିଜ ଭିତରେ ବୈବାହିକ ସମ୍ପର୍କ ସ୍ଥାପନ କରିନଥାନ୍ତି । ଏକ ବଂଶର ପୁଅଝିଅ ମଧ୍ୟ ଏକାଠି ନାଚନ୍ତି ନାହିଁ । ଗୋଟିଏ ବଂଶର ସଦସ୍ୟମାନେ ନିଜ ଗାଁରେ ବା ଅନ୍ୟ ଗାଁରେ ମଧ୍ୟ ବାସ କରନ୍ତି । ଗୋଟିଏ ମୂଳବଂଶର ସଦସ୍ୟମାନଙ୍କର ସେହି ଗାଁରେ ବାସ କରିବାର ଓ କାମ କରିବାର ଅଧିକାର ରହିଥାଏ । କେତେକ ସ୍ୱତନ୍ତ୍ର ଗ୍ରାମୀଣ ଉତ୍ସବରେ କେବଳ ମୁଖ୍ୟ ବଂଶର ସଦସ୍ୟମାନେ ଅଂଶଗ୍ରହଣ କରନ୍ତି ।



ଗୋଟିଏ ନିର୍ଦ୍ଦିଷ୍ଟ ଗାଁର କୁଟିଆକନ୍ଧ ସେହି ଗାଁର ଅନ୍ୟକୁଟିଆ ମାନଙ୍କ ସହିତ ସାମାଜିକ-ଅର୍ଥନୈତିକ-ଧାର୍ମିକ ଓ ରାଜନୈତିକ କ୍ଷେତ୍ରରେ ଅବାଧରେ ଭାବ ବିନିମୟ କରିପାରେ । ଜଣେ କୁଟିଆ ତା ନିଜ ଗାଁର ସମୃଦ୍ଧ ଐତିହ ସମ୍ପର୍କରେ ସବୁବେଳେ ସଚେତନ ଥାଏ ଏବଂ ମୋ ଗାଁ, ମୋ ମାଟି ପରି ନିଜସ୍ୱ ଅନୁଭବର ନେଇ ଗର୍ବ କରେ । କୁଟିଆ କିଶୋର କିଶୋରୀ ଓ ବୃଦ୍ଧ ବୃଦ୍ଧାମାନେ ବିଭିନ୍ନ ସାମାଜିକ ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଦଳ ଗଢ଼ିଥାନ୍ତି । ଗୋଷ୍ଠୀସ୍ତରୀୟ ଧାର୍ମିକ ପୂଜା ପଦ୍ଧତି ଓ ବିଭିନ୍ନ ପର୍ବପର୍ବାଣି ମଧ୍ୟରେ କେତେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।




# ରାଜନୈତିକ ସଙ୍ଗଠନ ଓ ନେତୃତ୍ୱ




କୁଟିଆକନ୍ଧ ମାନଙ୍କର ପାରମ୍ପରିକ ରାଜନୈତିକ ସଙ୍ଗଠନ ରହିଛି । ଏହି ସଙ୍ଗଠନ ବଡ଼ ସୁଦୃଢ । ସଙ୍ଗଠନରେ କନ୍ଧନେତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଏ। ବିଭିନ୍ନ ଘଟଣାକ୍ରମରେ ସେମାନଙ୍କ ନିଷ୍ପତ୍ତିକୁ ସମସ୍ତେ ମାନି ନିଅନ୍ତି। କନ୍ଧନେତାମାନେ ନିଜ ଇଚ୍ଛା ମୁତାବକ ନିଷ୍ପତ୍ତି ନିଅନ୍ତି ନାହିଁ। କେଉଁ ପ୍ରକାର ସାମାଜିକ ଘଟଣାବଳୀ ନିମନ୍ତେ କିପରି ବିଚାର କରିବାକୁ ହେବ ବା କି ପ୍ରକାର ଦଣ୍ଡବିଧାନର ଆବଶ୍ୟକତା ରହିଛ ସେଥିନିମନ୍ତେ ଏକ ପାରମ୍ପରିକ ସାମାଜିକ ଅନୁଶାସନ ରହିଛି। ବର୍ତ୍ତମାନ ସମାଜରେ ଦୁଇପ୍ରକାର ଶାସନ ପ୍ରଚଳିତ। ଗୋଟିଏ ପାରମ୍ପରିକ ଅପରଟି ଗଣତାନ୍ତ୍ରିକ। ପାରମ୍ପରିକ ବା ଆଧୁନିକ ଉଭୟ ରାଜନୈତିକ ପରିଷଦର ପଦପଦବୀରେ ଜଣକୁ ମନୋନୀତ କରିବାରେ କୌଣସି ସାମାଜିକ ପ୍ରତିବନ୍ଧକ ନଥାଏ ।





କୁଟିଆକନ୍ଧ ସମାଜରେ ପାରମ୍ପରିକ ନେତାମାନେ ହେଲେ ମାଝୀ ଓ ମୁଠାମାଝୀ। ସେମାନଙ୍କର ଧାର୍ମିକ ମୁଖ୍ୟ 'ଜାନି' ନାମରେ ପରିଚିତ। ପାରମ୍ପରିକ ଗ୍ରାମ ପରିଷଦରେ 'ଜାନି' ସକ୍ରିୟ ଅଂଶ ଗ୍ରହଣ କରନ୍ତି ସମସ୍ତେ 'ଜାନି'ଙ୍କ କଥାକୁ ମାନନ୍ତି ଓ ତାଙ୍କୁ ଉପଯୁକ୍ତ ସମ୍ମାନ ଦିଅନ୍ତି । 'ଜାନି' ଏକ ବଂଶାନୁକ୍ରମିକ ପଦବୀ। ବେଳେବେଳେ ଏଥିରେ ବ୍ୟତିକ୍ରମ ଦେଖାଯାଏ। ଉପଯୁକ୍ତ ବଂଶାନୁସାରୀ ବ୍ୟକ୍ତିଙ୍କର ଅଭାବରେ ନିର୍ବାଚନ ମାଧ୍ୟମରେ ଗୋଷ୍ଠୀର ସଦସ୍ୟମାନେ ଜଣେ ନୂତନ ବ୍ୟକ୍ତିଙ୍କୁ 'ଜାନି' ପଦରେ ବସାଇଥାନ୍ତି। ମୁଠାମାଝି, ଜାନି ଆଦି ପାରମ୍ପରିକ ନେତାମାନଙ୍କୁ ସାମାଜିକ ସ୍ତରରେ ଉପଯୁକ୍ତ ସମ୍ମାନ ଦେଇଥାନ୍ତି ।

ମୁଠା ସ୍ତରରେ ମୁଠାମାଝୀ କ୍ଷମତାଶୀଳ । କୌଣସି ସାମାଜିକ ଓ ରାଜନୈତିକ ଘଟଣା କ୍ରମରେ ମୁଠାମାଝୀ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୁଅନ୍ତି । ଗ୍ରାମର ମୁଖ୍ୟ ହେଲେ ମାଝୀ । ମୁଠାମାଝିଙ୍କ ଦ୍ୱାରା ପୂର୍ବରୁ 'ମାଝୀ' ପଦବୀରେ ଜଣକୁ ବଛା



ଯାଉଥିଲା । ପରବର୍ତ୍ତୀ ସମୟରେ ଏହା ବଂଶାନୁକ୍ରମିକ ହୋଇଯାଉଥିଲା । ଗାଁର ସର୍ବାଙ୍ଗୀନ ସାମାଜିକ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆବଶ୍ୟକ ସ୍ଥଳେ ଆଦାୟ ହେଉଥିବା ଅର୍ଥର ମୁଖ୍ୟରକ୍ଷକ ମାଝୀ । ଏହି ପଦବୀରେ କାର୍ଯ୍ୟକଲେ ମଧ ମାଝୀଙ୍କୁ କୌଣସି ଅର୍ଥ ପାରିଶ୍ରମିକ ବାବଦରେ ଦିଆଯାଏ ନାହିଁ । ବ୍ୟକ୍ତିଗତ କଳହ, ପାରିବାରିକ କନ୍ଦଳ ଓ ଭୁଲ ବୁଝାମଣା, ଦଳୀୟ ପ୍ରତିଯୋଗିତା/ଶତ୍ରୁତା ଆଦି ସମସ୍ୟାର ସମାଧାନ କରିବାରେ ମାଝିଙ୍କର ଭୂମିକା ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ।


ମାଝୀଙ୍କ ପରି ଧାର୍ମିକ ମୁଖ୍ୟ ଜାନିଙ୍କୁ ମଧ ଉଚ୍ଚ ସମାଜିକ ସମ୍ମାନ ଦିଆଯାଏ । ଗ୍ରାମସ୍ତରରେ କୌଣସି କଳହ ଓ ବିବାଦର ସମାଧାନରେ ଜାନିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ସେ ଆବଶ୍ୟକସ୍ଥଳେ ମାଝୀଙ୍କ ସହ ଆଇନ୍‌ଗତ ଓ ରାଜନୈତିକ ବିଚାର ଆଲୋଚନା କରି ଗ୍ରାମର ସାମୂହିକ କଲ୍ୟାଣରେ ନିଜକୁ ନିୟୋଜିତ କରିବା ସହ ଗାଁର ମଙ୍ଗଳ କରିଥାନ୍ତି ।



ଗ୍ରାମପରିଷଦଗାଁରେ ବାସ କରୁଥିବା ସମସ୍ତ କୁଟିଆକନ୍ଧ ପରିବାରର ପୁରୁଷ ମୁଖ୍ୟଙ୍କୁ ନେଇ ଗଠିତ । ଆବଶ୍ୟକ ହେଲେ ଗ୍ରାମ ପରିଷଦର ସଭା ମାଝୀ ବା ଜାନିଙ୍କ ଦ୍ୱାରା ଡ଼କାଯାଏ । ଏହି ସଭାରେ ସବୁ ପରିବାରର ମୁଖ୍ୟ ସଦସ୍ୟମାନେ ଭାଗ ନିଅନ୍ତି । ମୁକ୍ତ ଆଲୋଚନା ହୁଏ । ସମସ୍ତେ ନିଜ ନିଜ ସ୍ୱାଧୀନ ମତାମତ ଦିଅନ୍ତି । ଶେଷରେ ସାମାଜିକ ଘଟଣାକ୍ରମରେ ମାଝୀଙ୍କ ନିଷ୍ପତ୍ତି ଓ ଧର୍ମୀୟ ଘଟଣାକ୍ରମରେ ଜାନିଙ୍କ ନିଷ୍ପତ୍ତିକୁ ଗୋଷ୍ଠୀର ସମସ୍ତ ସଦସ୍ୟ ମାନି ନିଅନ୍ତି । ଦୋଷୀକୁ ଦଣ୍ଡ ଦିଆଯାଏ । ସାଧାରଣ ଦୋଷ ନିମନ୍ତେ ବିଚାରକମାନେ କେବେହେଲେ ବଡ଼ ଦଣ୍ଡ ଦେବାର ଦେଖାଯାଏ ନାହିଁ । ପୁଅ-ଝିଅମାନଙ୍କର ଅବୈଧ ସାମାଜିକ ସମ୍ପର୍କ, ବିବାହ ପୂର୍ବରୁ ଅବାଞ୍ଛିତ ଅନୈତିକ ଗର୍ଭଧାରଣ ଆଦି ଘଟଣାରେ କଠୋର ଦଣ୍ଡର ବ୍ୟବସ୍ଥା କରାଯାଏ । ଏହା ସହିତ ଦୋଷୀକୁ କେତେକ ସାମାଜିକ ବିଧି ବିଧାନ ପାଳନ ପୂର୍ବକ ନିଜ ଚରିତ୍ରକୁ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଏ । କେତେକ କ୍ଷେତ୍ରରେ ଦୋଷର ମାତ୍ରା ଅତ୍ୟଧିକ ମନେହେଲେ ଦୋଷୀକୁ ଗୋଷ୍ଠୀରୁ ସାମାଜିକ ବାସନ୍ଦ କରାଯାଏ । ଏପରି କଠୋର ନିଷ୍ପତ୍ତି ନେବା ସମୟରେ ମାଝୀ ଓ ମୁଠାମାଝୀ ଉପସ୍ଥିତ ଥାଆନ୍ତି ।







ପାରଂପରିକ ଗ୍ରାମ - ପରିଷଦର ବିଚାର ପରିସର ବଡ଼ ବ୍ୟାପକ । ଗାଁରେ ପରସ୍ପର ଭିତରେ ଉପୁଜିଥିବା ଦ୍ୱନ୍ଦ୍ୱ, ବିବାଦ, କଳହ, ମାନୋମାଳିନ୍ୟ ଓ ଗାଁରେ ପାଳନ ହେବାକୁ ଯାଉଥିବା ଭୋଜିଭାତ , ମହୋତ୍ସବ, ପୂଜାପର୍ବ, ସାମାଜିକ ଓ ସାଂସ୍କୃତିକ ଉତ୍ସବ ଆଦି ବିଷୟରେ ଗ୍ରାମ ପରିଷଦରେ ବିଶଦଆଲୋଚନା ହୁଏ । ଏଥିରେ ଗୋଷ୍ଠୀର ସମାଜିକ - ନିୟମ, ନୀତି, ଅନୁଶାସନ ଓ ସାମାଜିକ ସଂହତିକୁ ଅଗ୍ରାଧିକାର ଦିଆଯାଏ ।

କୁଟିଆକନ୍ଧ ସମାଜରେ ଜାନି, ମାଝୀ, ମୁଠାମାଝୀ ଓ ଅନ୍ୟାନ୍ୟ ବରିଷ୍ଠ ନେତାମାନେ ନିରକ୍ଷର ହେଲେ ମଧ୍ୟ ବିଜ୍ଞ ଓ ପରୋପକାରୀ ହୋଇଥାନ୍ତି । ସେମାନେ ଗ୍ରାମ-ପରିଷଦର ଓ ନିଜ ଗୋଷ୍ଠୀର ସମସ୍ତ ସଦସ୍ୟଙ୍କୁ ଉତ୍ତମ ଓ ନିରପେକ୍ଷ ବିଚାର ଦେଇ ନିଜ ପଦବୀର ଗୌରବ ବଜାୟ ରଖନ୍ତି । ଆଧୁନିକ ପଞ୍ଚାୟତିରାଜ ପଦ୍ଧତି ପ୍ରଚଳନ ହେବା ଦ୍ୱାରା ଦିନକୁ ଦିନ ପାରମ୍ପରିକ ଗ୍ରାମପରିଷଦର ଗୁରୁତ୍ୱ ହ୍ରାସ ପାଉଛି ।

# ଜୀବନ ଚକ୍ର



କୁଟିଆ ଯୁବତୀଟିଏ ମା' ହେଲେ ତା ନାରୀ ଜନ୍ମର ସାର୍ଥକତା ଆସେ । ଗର୍ଭବତୀ ମହିଳାର ଉପଯୁକ୍ତ ଯତ୍ନ ନିଆଯାଏ । କେହି ଜଣେ ପୂର୍ବ ପୁରୁଷ ତା'ର ଗର୍ଭରେ ପୁନଶ୍ଚ ପରିବାରକୁ ଫେରି ଆସୁଛି ବୋଲି ବିଶ୍ୱାସ କରାଯାଏ । ପୁଅ ହେବା ବା ଝିଅ ହେବା କେବଳ ସେହି ଅଦୃଶ୍ୟ ଶକ୍ତିର ଆଶୀର୍ବାଦଦ୍ୱାରା ସମ୍ଭବ । ବନ୍ଧ୍ୟାନାରୀ ମାନଙ୍କୁ ଚେରମୂଳିକା ଡୁଟୁକା ଆୟୁର୍ବେଦଔଷଧ ମାଧ୍ୟମରେ ଚିକିତ୍ସା କରାଯାଏ । ଅଦୃଶ୍ୟ ଶକ୍ତି ଉପରେ ବିଶ୍ୱାସ ରଖି କେତେକ ଧାର୍ମିକ ଅନୁଶାସନ ପାଳିବାକୁ ହୁଏ ।



ବିବାହ ପରବର୍ତ୍ତୀ କାଳରେ ଯୁବତୀ ମାନଙ୍କର ଋତୁସ୍ରାବ ବନ୍ଦ ହେଲେ, ଦେହ ଭାରି ଭାରି ଲାଗିଲେ ଅବା ବାନ୍ତି ହେବା ପରି ଲକ୍ଷଣ ଦେଖାଦେଲେ ଗର୍ଭଧାରଣ ହେଲା ବୋଲି ମନେ ହୁଏ । ପେଟ ଉଚ୍ଚ ଦିଶିଲେ ଆଉ ସନ୍ଦେହ ରୁହେ ନାହିଁ । କୌଣସି କଠିନ କାମ କରିବାକୁ ବାରଣ କରାଯାଏ । ଗର୍ଭବତୀ ମହିଳାଟିଏ ସମସ୍ତ ପ୍ରକାର ସାମାଜିକ, ଧାର୍ମିକ ଅନୁଶାସନକୁ ମାନି ଚଳେ ।

କୁଟିଆକନ୍ଧ ସମାଜରେ ମହିଳାଟିଏ ନିଜ ସ୍ୱାମୀଘରେ ପିଲାଟିଏ ଜନ୍ମ ଦେବାକୁ ଅଧିକ ପସନ୍ଦ କରେ । ଜଣେ ଅଭିଜ୍ଞ ଧାଈ ପ୍ରସବ ବେଦନା ସମୟରେ ସମସ୍ତ ପ୍ରକାର ସହାୟତା ଯୋଗାଇଦିଏ । ଆସନ୍ନ ପ୍ରସବା ମହିଳାଟିଏ ସନ୍ତାନ ଜନ୍ମ ସମୟରେ ଅଧିକ ଯନ୍ତ୍ରଣା ଅନୁଭବ କଲେ ଓ ଶିଶୁଟିକୁ ଜନ୍ମଦେବାରେ ଅଧିକ ବିଳମ୍ବ ହେଲେ ସ୍ୱତନ୍ତ୍ର ଅଭିଜ୍ଞ ତଥା ଧାର୍ମିକ ବ୍ୟକ୍ତିଙ୍କର ସହାୟତା ନେବାକୁ ହୁଏ । ପିଲାଟିଏ ଜନ୍ମହେବା ପରେ ବାପା, ପିଲା ଓ ମା ଉଭୟଙ୍କର ଯତ୍ନନିଅନ୍ତି । ପିଲାଟିଏ ଜନ୍ମହେବାର ଏକମାସ





ପର୍ଯ୍ୟନ୍ତ ଅଶୌଚ ପାଳନ କରାଯାଏ । ମାସେ ପରେ ମା ତା'ର ଜନ୍ମିତ ଶିଶୁର ଯତ୍ନ ନେବା ସହିତ ନିଜର ଯତ୍ନନିଏ ।

ଶିଶୁଟିଏ ଜନ୍ମ ହେବାର ତୃତୀୟ ଦିବସରେ ନାଁ ଦିଆପର୍ବ ଅନୁଷ୍ଠିତ ହୁଏ । ଏହି ନାଁ ଦିଆ ପର୍ବ ପାଳନର ପରମ୍ପରା ବଡ଼ କୌତୂହଳୋଦ୍ଦୀପକ । ଜନ୍ମିତ ଶିଶୁକୁ ଗୋଟିଏ ଶିଆଳୀ ପତ୍ର ଦେଖାଯାଏ । ଏହି ସମୟରେ ପୂର୍ବ ପୁରୁଷର ବିଭିନ୍ନ ଲୋକଙ୍କ ନାଁ କୁହାଯାଏ । ପୁଅ ହୋଇଥିଲେ ପୁରୁଷମାନଙ୍କର ନାଁ ଓ ଝିଅ ହୋଇଥିଲେ ମହିଳା ମାନଙ୍କର ନାଁ ଧରାଯାଏ । ଯେଉଁ ନାଁ ଉଚ୍ଚାରଣ କଲାବେଳେ ଜନ୍ମିତ ଶିଶୁଟି ତାକୁ ଦେଖାଇ ଦିଆଯାଉଥିବା ଶିଆଳୀ ପତ୍ର ଆଡ଼କୁ ହାତ ବଢ଼ାଏ ବା ପତ୍ରକୁ ଧରେ ଶିଶୁକୁ ସେହି ନାମରେ ନାମିତ କରାଯାଏ । ଏହି ସମୟରେ ପରିବାର, ପଡ଼ୋଶୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥାଆନ୍ତି । ଜନ୍ମିତ ଶିଶୁର ମାମୁ ଅର୍ଥାତ୍ ମା'ର ଭାଇ ଏହି ନାମଦିଆ ଉତ୍ସବ ଉପଲକ୍ଷେ ଗୋଟିଏ ଘୁଷୁରି ଦିଏ ।



ପିତାମାତା, ବନ୍ଧୁ, ପରିବାର, ପରିଜନ, ପଡ଼ୋଶୀ ସମସ୍ତେ ଖୁସି ମନାନ୍ତି । ପିଲାଟି ଧୀରେ ଧୀରେ ତା'ର ସାମାଜିକ ପରିବେଶ ପରିବେଷ୍ଟନୀ ଓ ସଂସ୍କୃତି ସମ୍ବନ୍ଧରେ ଜ୍ଞାନ ଲାଭ କରେ ।




ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣ ହେଉଛି କୈଶୋର ଅବସ୍ଥା । ଏହି ବୟଃସନ୍ଧିରେ କିଶୋର - କିଶୋରୀମାନେ ଆନମନା ହୋଇଉଠନ୍ତି । ଶରୀର ଓ ମନରେ ଏକ ଭିନ୍ନ ମାଦକତା ଜାଗିଉଠେ । ବିପରୀତ ଲିଙ୍ଗ ପ୍ରତି ଏକ ଅହେତୁକ ଓ ଅନାହୂତ ଆକର୍ଷଣ ପ୍ରାଣ ଓ ମନରେ ନୂତନ ଉନ୍ମାଦନା ସୃଷ୍ଟିକରେ । କୁଟିଆକନ୍ଧ ସମାଜରେ ଧାଙ୍ଗଡ଼ୀଶାଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବ୍ୟକ୍ତିଜୀବନ, ଗୋଷ୍ଠୀଜୀବନ ଓ ସମାଜ ଜୀବନର ଏକ ଶିକ୍ଷଣ-ସ୍ଥଳ ଭାବରେ ଧାଙ୍ଗଡ଼ୀଶାଳର ମହତ୍ତ୍ୱକୁ ସମସ୍ତେ ସ୍ୱୀକାର କରିବେ ।

କୁଟିଆ ସମାଜରେ ବିବାହ ଏକ ପବିତ୍ର ଅନୁଷ୍ଠାନ । ଏହା ଏକ ସାମାଜିକ ବନ୍ଧନ । ପିତାମାତାମାନେ ଏହାର ପ୍ରଥମ ଆୟୋଜକ । ସାଧାରଣତଃ ବିବାହ ପ୍ରସ୍ତାବ ପ୍ରଥମେ ପୁଅ ପକ୍ଷରୁ ଦିଆଯାଏ । କେଉଁ ପୁରୁଣା କାଳରୁ ପ୍ରସ୍ତାବିତ ବିବାହ ଚଳିଆସୁଛି । ପ୍ରସ୍ତାବିତ ବିବାହ ବ୍ୟତୀତ ପ୍ରେମ ବିବାହ, ଝିକା ବିବାହ, ବଦଳ ବିବାହ






ଆଦି କେତେକ ପ୍ରଥା ମଧ ପ୍ରଚଳିତ । ବିଧବା ବିବାହ ଓ ଦିଅର ବିବାହ ପ୍ରଥା ମଧ କୁଟିଆ ସମାଜରେ ଚଳେ । ନିଜ ବଂଶର ପୁଅଝିଅଙ୍କ ମଧରେ ବୈବାହିକ ସମ୍ପର୍କ ନିଷିଦ୍ଧ । ସେହିପରି କୁଟିଆ କନ୍ଧ ସମାଜରେ ଗୋଷ୍ଠୀ ବହିର୍ଭୁତ ବିବାହ ମଧ କରାଯାଏ ନାହିଁ । ପ୍ରସ୍ତାବିତ ବିବାହ ସମୟ ସାପେକ୍ଷ ହେଲେ ମଧ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ । ଏହି ବିବାହରେ କନ୍ୟାଧନ ସ୍ୱରୂପ ଚାଉଳ, ମଦ, ମଇଁଷି, ଲୁଗାପଟା, ବାସନ-କୁସନ ଓ ତୀର ଆଦି ଦେବାକୁ ହୋଇଥାଏ । ପରିବାରର ସଦସ୍ୟ, ସାହିପଡ଼ିଶା, ଭାଇ ବନ୍ଧୁ କୁଟୁମ୍ବ ଓ ଅନ୍ୟମାନେ ମିଳିମିଶି ବିବାହ ଉତ୍ସବକୁ ଆନନ୍ଦ ମୁଖର କରନ୍ତି । ଭୋଜି ଭାତରେ ପରିବେଶ ପୂରି ଉଠେ । ବିବାହର ପରବର୍ତ୍ତୀ କାଳରେ କୁଟିଆ ଦମ୍ପତି ସାମାଜିକ ନିୟମମାନ ପାଳନ କରି ଏକ ସୁନ୍ଦର ସଂଯମ ଜୀବନ ଯାପନ କରୁଥିବାର ଦେଖାଯାଏ । ସ୍ତ୍ରୀ ଉପରେ ସ୍ୱାମୀର ପୂର୍ଣ୍ଣ କର୍ତ୍ତୃତ୍ୱ ଥାଏ । ସ୍ୱାମୀ କେବେହେଲେ ସ୍ତ୍ରୀ ଉପରେ ଅଯଥା କର୍ତ୍ତୃତ୍ୱ ଜାହିର କରେ ନାହିଁ । କୁଟିଆ ସମାଜରେ ଛାଡ଼ପତ୍ର ପାଇଥିବା ସ୍ତ୍ରୀ ତା'ର ଆଣିଥିବା କନ୍ୟାଧନ ଫେରିପାଏ ।



ଜନ୍ମ ହେଲେ ମୃତ୍ୟୁ ନିଶ୍ଚିତ । ମୃତ୍ୟୁ ପରେ ମୃତ ବ୍ୟକ୍ତିର ଶବକୁ ପୋଡ଼ାଯାଏ ଅବା ପୋତାଯାଏ । କୁଟିଆମାନେ ମୃତ୍ୟୁର ପ୍ରକାରଭେଦକୁ ନେଇ ଉଭୟେ ପୋଡ଼ିବା ଓ ପୋତିବା ପ୍ରଥାକୁ ଗ୍ରହଣ କରିନେଇଛନ୍ତି । ସାଧାରଣ ମୃତ୍ୟୁରେ ମୃତ ବ୍ୟକ୍ତିର ଶବକୁ ଶ୍ମଶାନରେ ଦାହ କରାଯାଏ । ପାଣିରେ ବୁଡ଼ି ମରିବା, ଗଛରୁ ପଡ଼ି ମରିବା, ହିଂସ୍ର ବଣ୍ୟଜନ୍ତୁଙ୍କ ଆକ୍ରମଣରୁ ମୃତ୍ୟୁ ମୁଖରେ ପଡ଼ିବା ଅଥବା ବସନ୍ତ ଆଦି ସଂକ୍ରାମକ ରୋଗ ହେବା କାରଣରୁ କେହି ମୃତ୍ୟୁବରଣ କଲେ ତା'ର ଶବକୁ ନ ପୋଡ଼ି ପୋତି ଦିଆଯାଏ । ନିଜ କୁଟୁମ୍ବର ଲୋକମାନେ ୩ ରୁ ୮ ଦିନ ପର୍ଯ୍ୟନ୍ତ ମୃତ ଅଶୌଚ ପାଳନ କରନ୍ତି । ମୃତ୍ୟୁ ପର୍ବ ପାଳନ ଅବସରରେ ବନ୍ଧୁବାନ୍ଧବ ଜ୍ଞାତି କୁଟୁମ୍ବ ମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । କେହିଜଣେ ମରିଗଲାପରେ ଗୋଟିଏ ପୁରୁଷ ପରେ ତା'ର ଆତ୍ମା ପୁନଶ୍ଚ ସେହି ପରିବାରରେ ଜନ୍ମନିଏ ବୋଲି କୁଟିଆମାନେ ବିଶ୍ୱାସ କରନ୍ତି ।




# ଧର୍ମ


ବହୁ ଦେବଦେବୀ, ପ୍ରକୃତି ଓ ପ୍ରାକୃତିକ ବସ୍ତୁ ଆଦିକୁ ନେଇ ଏକ ସୁନ୍ଦର ଧାର୍ମିକ ପରିବେଶ ତିଆରି କରିଛି କୁଟିଆ । ସେଠି ସିଏ ଅତ୍ୟନ୍ତ କର୍ମନିଷ୍ଠ ଓ ଧର୍ମନିଷ୍ଠ ।


କୁଟିଆକନ୍ଧ ଅଞ୍ଚଳରେ ଧର୍ମର ପ୍ରତୀକ ଭାବରେ ଦୁଇମୁନ ବିଶିଷ୍ଟ କାଠ ଖମ୍ବ ପୋତା ହୋଇଥିବାର ଦେଖାଯାଏ । ସେଠିଥାଏ ବାଉଁଶ ତାଟିର ଚଉହଦୀ । ଛୋଟ କାଷ୍ଠ ଖମ୍ବ, ଓ ପଥରରେ ସିନ୍ଦୂର ଲଗା ହୋଇଥାଏ । ସେଠାରେ ଦିଆଯାଇଥିବା ପ୍ରତି ଚିହ୍ନର ସ୍ୱତନ୍ତ୍ର ଗୁରୁତ୍ୱ ଥାଏ । ତାହା କୌଣସି ନା କୌଣସି ଦେବଦେବୀ ଅବା ଆତ୍ମାର ଅବା ଅଦୃଶ୍ୟ ଶକ୍ତିର ପ୍ରତିନିଧିତ୍ୱ କରୁଥାଏ । ତିନୋଟି ପଥର ପ୍ରତୀକରେ ପୂଜିତ "ଧରଣୀ ପେନୁ" କୁଟିଆର ଧାର୍ମିକ ଜୀବନର ପ୍ରଥମ ପୃଷ୍ଠା । ସେହି ଧରଣୀ ପେନୁ ବା ପୃଥିବୀ ମାତା ମଣିଷ ସମାଜକୁ ତିଆରି କରିଛି । ସେ ମାଟିକୁ ଉର୍ବରତା ଦିଏ । କୁଟିଆ ଗୋଷ୍ଠୀକୁ ସୁରକ୍ଷିତ ରଖେ । ଗ୍ରାମବାସୀମାନେ ଗୋଷ୍ଠୀସ୍ତରରେ ନିଜର, ନିଜ ପରିବାରର ତଥା ଗୃହପାଳିତ ପଶୁପକ୍ଷୀମାନଙ୍କର ଜୀବନର ନିରାପତ୍ତା ନିମନ୍ତେ ଧରଣୀ ପେନୁ ପାଖରେ ବଳି ଦିଅନ୍ତି । ସେମାନଙ୍କର ଧାର୍ମିକ ବିଶ୍ୱାସ ଏହା ଦ୍ୱାରା ସୁଖ-ସମୃଦ୍ଧି ଓ ସନ୍ତୋଷ ବଢ଼ିବ ।





ପ୍ରତି କୁଟିଆ ଗାଁରେ ଜଣେ ପୂଜାରୀ ଥାଆନ୍ତି । ତାଙ୍କୁ ଜାନୀ କୁହାଯାଏ । ପରିବାର ସ୍ତରରେ ପୂଜାପାଠ କରୁଥିବା ବ୍ୟକ୍ତିଙ୍କୁ କୁଟାକା (ସମନ) କୁହାଯାଏ । ସେ ଜଣେ ଜ୍ୟୋତିର୍ବିଦ୍ ତଥା ଗୁଣିଆ । ଧର୍ମ ସମ୍ବନ୍ଧୀୟ ପୂଜା, ପାଠରେ ତାଙ୍କ ପରାମର୍ଶ ନିଆଯାଏ । ସେ ଦେବଦେବୀଙ୍କ ପାଖରେ ଗାଁର ସମସ୍ତଙ୍କର ଶୁଭ ମନାସି ପୂଜା ପାଠ କରନ୍ତି । ତାଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ । ପୂଜାପାଠ ମାଧ୍ୟମରେ ସେ ଦେବଦେବୀ ଓ ଅନ୍ୟାନ୍ୟ ଆଧିଭୌତିକ ଶକ୍ତିକୁ ସନ୍ତୁଷ୍ଟ କରନ୍ତି । ଜାନି ସାଧାରଣ ମଣିଷ ହେଲେ ବି ଆଧିଭୌତିକ ଶକ୍ତି ସହିତ ଯୋଗସୂତ୍ର ସ୍ଥାପନ କରିବା କାର୍ଯ୍ୟକୁ ନିଷ୍ଠାର ସହ ସମ୍ପନ୍ନ କରିଥାନ୍ତି । କେତେକ ସ୍ୱତନ୍ତ୍ର ଧର୍ମୀୟ ପୂଜାରେ ମହିଳାମାନେ ଅଂଶଗ୍ରହଣ କରନ୍ତି ନାହିଁ ।





ପୂଜା ପୂର୍ବରୁ ଗ୍ରାମବାସୀମାନେ ଆବଶ୍ୟକୀୟ ସମାଗ୍ରୀ ଯୋଗାଡ଼ କରିଦେଇଥାନ୍ତି । ପାଳନ କରାଯାଉଥିବା ପର୍ବପର୍ବାଣିମାନଙ୍କ ମଧ୍ୟରେପର୍ବ,




ପୁନିକାଲୁ ଡ଼ାତ୍‌ବିଦେଶୀ, ଦଶହରା, (କାନ୍‌ଡାଙ୍ଗା) (ଡାକିନା ବାସାଡ଼ାକିନା) ଅନ୍ୟତମ ପ୍ରଧାନ ପର୍ବ । କୁଟିଆ କନ୍ଧଗୋଷ୍ଠୀ ମିଳିତ ହୋଇ 'ଧରଣୀ ପେନୁ' କୁ ସନ୍ତୁଷ୍ଟ କରିବା ନିମନ୍ତେ ବିଭିନ୍ନ ପୂଜା ପର୍ବ ପାଳନ କରିଥାନ୍ତି । ଆଗକାଳରେ ଧରଣୀ ପେନୁକୁ ସନ୍ତୋଷ କରିବା ନିମନ୍ତେ "ନରବଳି" ଦିଆଯାଉଥିଲା । ଏବେ ଏକ ମଇଁଷି ବଳି ଦିଆଯାଉଛି । ଗୋଷ୍ଠୀ ତରଫରୁ ଗୋଟିଏ ବା ଦୁଇଟି ମଇଁଷି ବଳିର ବ୍ୟବସ୍ଥା ଥିବା ବେଳେ ପରିବାର ସ୍ତରରେ କୁକୁଡ଼ା, ପାରା, ଛେଳି ଆଦି ବଳିଦେବାର ପ୍ରଥା ମଧ୍ୟ ରହିଛି । ପୂଜା ପାର୍ବଣର ମାହୋଲ ଭିତରେ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ଭାବ ଆଦାନ ପ୍ରଦାନର ସୁଯୋଗ ମିଳେ । ନିଜ କୁଟୁମ୍ବ ଓ ବଂଶର ଲୋକମାନେ ଏକତ୍ରିତ ହୋଇ ପରସ୍ପର ଭିତରେ ସୁଖ ଦୁଃଖ ହୁଅନ୍ତି ।

କେଡୁ ପର୍ବରେ ବହୁ ଅର୍ଥ ଖର୍ଚ୍ଚ କରିବାକୁ ହୁଏ । ପ୍ରତି ବର୍ଷ ଏହି ପର୍ବର ଆୟୋଜନ ନ ହୋଇ ତିନିରୁ ପାଞ୍ଚବର୍ଷ ମଧ୍ୟରେ ଯେତେବେଳେ ଆବଶ୍ୟକ ମନେହୁଏ ସେତେବେଳେ କେଡୁ ପର୍ବ ଅନୁଷ୍ଠିତ ହୁଏ । ଏହାଏକ ଗୋଷ୍ଠୀପର୍ବ । ସବୁ କୁଟିଆ କନ୍ଧମାନେ ଏଥିରେ ସାମିଲ ହୁଅନ୍ତି । ଗୋଷ୍ଠୀର ସ୍ୱତନ୍ତ୍ର ସାମାଜିକ ଅବସ୍ଥା ଓ ଆବଶ୍ୟକତାକୁ କେନ୍ଦ୍ରକରି ଏହି ପର୍ବର ଦିନ ଧାର୍ଯ୍ୟ ହୁଏ ।

କୁଟିଆ କନ୍ଧ ସମାଜରେ ପାଳନ କରାଯାଉଥିବା ଅନେକ ପର୍ବପର୍ବାଣିର ସ୍ୱତନ୍ତ୍ରତା ଥାଏ । କୃଷିକୁ କେନ୍ଦ୍ରକରି କେତେକ ପର୍ବ ପାଳନ କରାଯାଏ ତ ଆଉ କେତେକ ପର୍ବ ଶିକାର ଓ ଖାଦ୍ୟ ସଂଗ୍ରହକୁ ନେଇ ଗଢିଉଠେ । ଯାହା ହେଲେବି ଅସଂଖ୍ୟ ଦେବାଦେବୀଙ୍କୁ ସ୍ୱତନ୍ତ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ପୂଜା ମାଧ୍ୟମରେ ସନ୍ତୁଷ୍ଟ କରିବାର ଯେଉଁ ପାରମ୍ପରିକ ବିଶ୍ୱାସ ତହିଁରୁ କୁଟିଆକନ୍ଧ ମୁକୁଳି ପାରେ ନାହିଁ ।





ଅଦୃଶ୍ୟ ଶକ୍ତି ଅସନ୍ତୁଷ୍ଟ ହେଲେ ବହୁ କ୍ଷୟ କ୍ଷତି ଘଟାଏ । ଅକାଳ ମୃତ୍ୟୁ, ଅପମୃତ୍ୟୁ ଅଚାନକ ଭାବରେ ଆସିଯାଏ । ଭୟାନକ


ରୋଗରେ କେହି ପୀଡ଼ିତ ହୁଏ । ସେଥିରୁ ମୁକ୍ତ ହୋଇ ସୁସ୍ଥ ସୁନ୍ଦର ଜୀବନ ବିତାଇବା ଲକ୍ଷ୍ୟରେ ପୂଜା ପାର୍ବଣର ବ୍ୟବସ୍ଥା କରାଯାଇଛି ।

ପୂର୍ବ ପୁରୁଷ ଓ ସେମାନଙ୍କର ଆତ୍ମା ଉପରେ କୁଟିଆ କନ୍ଧ ମାନଙ୍କର ଢେର୍ ବିଶ୍ୱାସ ଓ ଆସ୍ଥା ରହିଛି । ସେମାନେ ସବୁବେଳେ ପରଲୋକଗତ ଆତ୍ମାଙ୍କୁ ସନ୍ତୁଷ୍ଟ କରିବାକୁ ଚାହାଁନ୍ତି । ସେମାନେ ଅସନ୍ତୁଷ୍ଟ ହେଲେ ଅଭିଶାପ ଦେବେ । ସେମାନଙ୍କର କୁ-ଦୃଷ୍ଟି ଓ ଅଭିଶାପରେ ପରିବାରର ଅମଙ୍ଗଳ ହେବ । ସେଥିନିମନ୍ତେ ପ୍ରତି ପର୍ବପର୍ବାଣିରେ ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରାଯାଏ । ସେମାନଙ୍କୁ ସ୍ମରଣ କରାଯାଏ ।






କୁଟିଆ କନ୍ଧ ମାନଙ୍କର ସାମାଜିକ ଧାର୍ମିକ ଓ ଆଧ୍ୟାତ୍ମିକ ବିଶ୍ୱାସର ମୂଳଦୂଆ ବେଶ୍ ସୁଦୃଢ଼ । ସେମାନଙ୍କ ଗୋଷ୍ଠୀ ମଧ୍ୟରେ ଏକତା ଓ ସଂହତି ବଜାୟ ରଖିବାରେ ଧର୍ମୀୟ ବିଶ୍ୱାସ ଓ ପର୍ବ ପର୍ବାଣିର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ପର୍ବପର୍ବାଣି ଦ୍ୱାରା ସାମାଜିକ ସଂହତି ଓ ଶାନ୍ତି ପ୍ରତିଷ୍ଠା ହୁଏ । କେବଳ ଏତିକି ନୁହେଁ ଦଳଗତ ବ୍ୟବହାର ମାର୍ଜିତ ହେବା ସହିତ ସମସ୍ତଙ୍କ ଭିତରେ ସ୍ନେହ ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି ହୁଏ ।



ଜମିର ଉତ୍ପାଦିକା ଶକ୍ତି, ପରିବାରରେ ଶାନ୍ତି, ସନ୍ତୋଷ ଓ ଉତ୍ତମ ସ୍ୱାସ୍ଥ୍ୟ ଆଦି ଅତିପ୍ରାକୃତ ଶକ୍ତି ଦ୍ୱାରା ନିୟନ୍ତ୍ରିତ । କେହି ରୋଗରେ ପଡ଼ିଲେ ବା କିଛି ଆକସ୍ମିକ ବିପଦଆସିଲେ ତାହା ସେହି ଶକ୍ତିର ଖରାପ ନଜରରୁ ହୁଏ ବୋଲି କୁଟିଆମାନେ ବିଶ୍ୱାସ କରନ୍ତି । ସବୁପ୍ରକାର ବିପଦଆପଦରୁ ଦୂରରେ ରହିବା ପାଇଁ ଅତିପ୍ରାକୃତ ଶକ୍ତିର ସନ୍ତୋଷ ବିଧାନ ଲକ୍ଷ୍ୟରେ ପର୍ବ ପର୍ବାଣି ପାଳନ ସମୟରେ ବଳି ଉତ୍ସର୍ଗ କରାଯାଏ ।

# ସାମାଜିକ ମୂଲ୍ୟବୋଧ ଓ ଜଗଦ୍‌ଦୃଷ୍ଟି





କୁଟିଆକନ୍ଧ ସମାଜରେ ଆଧୁନିକ ସଭ୍ୟତାର ଅନୁପ୍ରବେଶ ହୋଇନାହିଁ । କୁଟିଆକନ୍ଧ ମାନଙ୍କ ମଧ୍ୟରୁ ଅନେକ ଅଳ୍ପ ଶିକ୍ଷିତ ଅବା ନିରକ୍ଷର ହେଲେ ମଧ୍ୟ ସେମାନଙ୍କ ଠାରେ ରହିଛି ଅସୀମ କଳାତ୍ମକ ଜ୍ଞାନ ଗାରିମା ଓ ବିଚାର ଶକ୍ତି । ସେମାନେ ଅନେକ କଥା ଶୁଣି ଶୁଣି ମନେରଖି ପାରନ୍ତି । ଗୀତ-ନାଚ-ବାଦ୍ୟ, ପାରମ୍ପରିକ କଳା, କୌଶଳ, ବିଭିନ୍ନ ପ୍ରକାର ଔଷଧର ଉଚିତ୍ ପ୍ରୟୋଗ ଆଦିରେ ସେମାନଙ୍କର ଯଥେଷ୍ଟ ଜ୍ଞାନ ରହିଥାଏ ।

କୁଟିଆ କନ୍ଧ ଭାରି ସାଦା-ସିଧା । କୁଟ, କପଟଠାରୁ ସେମାନେ ଦୂରରେ । ସେମାନଙ୍କର ଅନୁଭବର ସୀମା ବେଶ୍ ପ୍ରଶସ୍ତ ଓ ଗଭୀର । ଯାହାଠାରେ ସେମାନଙ୍କର ବିଶ୍ୱାସ ଆସେ ତାକୁ ସେମାନେ ତାଙ୍କ ମନର କଥା କୁହନ୍ତି । ଜଣକୁ ଥରେ ବିଶ୍ୱାସ କଲେ ବା ଭଲ ପାଇଲେ କେବେହେଲେ ବିଶ୍ୱାସଘାତକତା କରନ୍ତି ନାହିଁ । ସେମାନେ କୌଣସି ବାହାର ଅନୁପ୍ରବେଶକାରୀ ଅଥବା କୌଣସି ଅଜଣା ଅପରିଚିତ ଲୋକକୁ ସହଜରେ ଗ୍ରହଣ କରନ୍ତି ନାହିଁ । ସେହି ସରଳ ବିଶ୍ୱାସୀ କୁଟିଆ ମାନଙ୍କ ବ୍ୟକ୍ତିଗତ ଜୀବନ ଏତେ ଶାନ୍ତ-ସରଳ ନିରଳସ ଓ ଅନାଡ଼ମ୍ବର ଯେ ହଠାତ୍ ସେମାନଙ୍କ ଅନ୍ତର୍ନିହିତ ଜ୍ଞାନ ଗାରିମାକୁ ବିଶ୍ୱାସ କରିହୁଏ ନାହିଁ । ସେମାନେ ଭାରି ପାରମ୍ପରିକ, ରକ୍ଷଣଶୀଳ ଓ ବଚନବଦ୍ଧ । କେବେହେଲେ ସେମାନେ କଥାରୁ ଟଳନ୍ତି ନାହିଁ । ବିଶ୍ୱାସ ସେମାନଙ୍କ ଜୀବନର ମୂଳମନ୍ତ୍ର । ବନ୍ଧୁବତ୍ସଳ ପ୍ରକୃତି ଯୋଗୁଁ ଆବଶ୍ୟକ ହେଲେ ସେମାନେ ବନ୍ଧୁ ପାଇଁ ଜୀବନ ଦେଇ ଦିଅନ୍ତି । ସେମାନଙ୍କ ଜମି ଓ ଦେବଦେବୀ ସେମାନଙ୍କ ପାଇଁ ମହାନ୍ । ସେମାନଙ୍କର ଯଥେଷ୍ଟ ସ୍ୱାଭିମାନ ରହିଛି । ଆତ୍ମସମ୍ମାନ ହାନୀ ହେଲାଭଳି କାମ କେବେହେଲେ କରନ୍ତି ନାହିଁ । ଗୋଷ୍ଠୀଗତ ଜୀବନଧାରାରେ ସେମାନେ ବିଶ୍ୱାସ କରନ୍ତି । ସେମାନେ ସାହସୀ ଓ ଅତିଥି ପରାୟଣ ।

ସବୁଠାରୁ ତାତ୍ପର୍ଯ୍ୟର କଥା ହେଉଛି କୁଟିଆମାନେ କେବେ ରାଗନ୍ତି ନାହିଁ । ସେମାନେ ଭାରି ଧୀର-ସ୍ଥିର ଓ ଶାନ୍ତ ସ୍ୱଭାବର । ସେମାନେ ଯେତେ ଅଭାବ ଅସୁବିଧାର ସମ୍ମୁଖୀନ ହେଲେ ମଧ୍ୟ କାହା ପାଖରେ ହାତ ପାତନ୍ତି ନାହିଁ ।


କୁଟିଆମାନେ ସେମାନଙ୍କର ନିଜସ୍ୱ ପାରମ୍ପରିକ କର୍ମ ଓ ଧର୍ମରେ ବିଶ୍ୱାସ କରନ୍ତି । ସେମାନେ ଅନୁସୂଚିତ ଜାତିର ଡ଼ମ୍ବ ମାନଙ୍କୁ ବିଶ୍ୱାସ କରୁଥିବାର ଜଣାଯାଏ । ସେମାନେ ଭାରି ସ୍ନେହୀ ନୀତିବାଦୀ, ଓ ଶୃଙ୍ଖଳିତ । ବଡମାନଙ୍କୁ ସମ୍ମାନ ଓ ସାନଙ୍କୁ ସ୍ନେହ ଦେବାରେ ସେମାନେ କେବେହେଲେ ହେଳା କରନ୍ତି ନାହିଁ । କୌଣସି ସମସ୍ୟାରେ ସେମାନେ କାହାକୁ ଶାରୀରିକ ଦଣ୍ଡ ଅବା ମାନସିକ ନିର୍ଯାତନା ଦେବାକୁ ପସନ୍ଦ କରନ୍ତି ନାହିଁ । ଭିକ୍ଷାବୃତ୍ତି ଓ ଚୌର୍ଯ୍ୟ ବୃତ୍ତିକୁ ସେମାନେ ଅତିମାତ୍ରାରେ ଘୃଣା କରନ୍ତି । ସେମାନେ ସବୁ ସହିଯିବେ ହେଲେ ନିଜ ଜନ୍ମମାଟି, ନିଜ ଗାଁ, ନିଜ ଗୋଷ୍ଠୀ, ବଂଶ, ସମାଜ ଓ ସଂସ୍କୃତିର ନିନ୍ଦାକୁ ସହିପାରିବେ ନାହିଁ ।






କୁଟିଆ କିଶୋରୀ ସହିତ ଅବୈଧ ସମ୍ପର୍କ ସ୍ଥାପନ କରି ତାକୁ ଗର୍ଭବତୀ କରିବା ପରେ ଛଳନା ଓ ପ୍ରତାରଣା କରି ବିବାହ ନ କରିବା ଘୋର ପାପ । ଏପରି ପାପକୁ କୁଟିଆମାନେ ଘୃଣା କରନ୍ତି । ସେହିପରି ବିବାହ କଲାପରେ ବୃଦ୍ଧ ପିତା ମାତା ମାନଙ୍କର ଉପଯୁକ୍ତ ସେବା ଓ ଯତ୍ନ ନେବାକୁ କୁଟିଆ ତା'ର କର୍ତ୍ତବ୍ୟ ବୋଲି ବିଚାର କରେ । ଯେଉଁମାନେ ବିଭିନ୍ନ ଆଳରେ ସେମାନଙ୍କୁ ଶୋଷଣ କରନ୍ତି ; ତାଙ୍କର ନ୍ୟାଯ୍ୟ ସମାଜିକ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରନ୍ତି ସେମାନଙ୍କୁ ଘୃଣା କରନ୍ତି । ସେମାନେ କାହାର ଅଯଥା ହସ୍ତକ୍ଷେପକୁ ସହଜରେ ବରଦାସ୍ତ କରିପାରନ୍ତି ନାହିଁ । ସେମାନେ ତାଙ୍କର ନିଜସ୍ୱ ଧର୍ମ ଭାବନାକୁ ନେଇ ସରସ ସୁନ୍ଦର ଜୀବନ ବିତେଇବାକୁ ଶ୍ରେୟ ମନେକରନ୍ତି ।










# ବିକାଶ ଓ ପରିବର୍ତ୍ତନ



ପରିବର୍ତ୍ତନ ଏକ ଚିରନ୍ତନ ପ୍ରକ୍ରିୟା । କେତେବେଳେ କିଛି ସ୍ଥିର ହୋଇ ରହେ ନାହିଁ । ଏଇ ଦଶନ୍ଧିରେ କୁଟିଆକନ୍ଧ ମାନଙ୍କର ଜୀବନ ଯାପନ ପ୍ରଣାଳୀରେ ଯଥେଷ୍ଟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଜୀବନ ଚିତ୍ର ବଦଳିବାରେ ଲାଗିଛି । ଏଥି ସହିତ ତାଳ ଦେଇ ସେମାନଙ୍କର ଚିରାଚରିତ ପାରମ୍ପରିକ ଜୀବନଶୈଳୀ ତଥା ସାଂସ୍କୃତିକ ଜୀବନର ସ୍ୱାଦମଧ ବଦଳିଛି । ସରକାରୀ ଓ ବେସରକାରୀ ସଂସ୍ଥା ସମୂହର ସାହାଯ୍ୟ ସେମାନଙ୍କ ଜୀବନ ଓ ଜୀବିକାର ଗତିପଥକୁ ନୂଆମୋଡ଼ ଦେଇଛି । ସେମାନଙ୍କ ଅଞ୍ଚଳର ମୌଳିକ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ପରିମଳ ବ୍ୟବସ୍ଥା ସବୁକିଛିରେ ଆଖିଦୃଶିଆ ପରିବର୍ତ୍ତନର ଛାପ ଦେଖାଯାଉଛି । ବିଭିନ୍ନ ଯୋଜନା ମାଧ୍ୟମରେ କୁଟିଆ କନ୍ଧମାନେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବରେ ଉପକୃତ ହେଉଛନ୍ତି । ଆଧୁନିକ କୃଷି ପ୍ରଣାଳୀର ପ୍ରଚଳନ, ଅଧିକ ଅମଳକ୍ଷମ ବିହନ ଯୋଗାଣ, ଜଳସେଚନର ସୁବିଧା ସୁଯୋଗ ଓ ଅନ୍ୟାନ୍ୟ ସହାୟକ ସାମଗ୍ରୀ ଯୋଗାଣ; ଉତ୍ପାଦିତ ଦ୍ରବ୍ୟର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ଓ ବଜାର ସୁବିଧା ଆଦି ଦ୍ୱାରା ସେମାନଙ୍କର ଜୀବନ ଶୈଳୀର ମାନରେ ଦ୍ରୁତ ପରିବର୍ତ୍ତନ ଆସିଛି ।








ଏବେ ମହିଳାମାନେ ଏପରିକି କୁଟିଆ ଯୁବତୀମାନେ ମଧ୍ୟ ରାସ୍ତାକାମ, ଘର ତିଆରି କାମରେ ନିୟୋଜିତ ହେଉଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ଛୋଟଛୋଟ ବ୍ୟବସାୟ କରୁଛନ୍ତି । ଆର୍ଥିକ ଅବସ୍ଥା ବଦଳିବାରୁ କେତେକ କୁଟିଆ ମୋଟର ସାଇକେଲ ବ୍ୟବହାର କରୁଥିବାର ଦେଖାଯାଉଛି । କେତେକ ଉନ୍ନୟନ ସଂସ୍ଥା - ଯଥା ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ର, ଥାନା, କୃଷି ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ଡ଼ାକଘର, ସାପ୍ତାହିକ ବଜାର, ବଡ଼ ବଡ଼ ଦୋକାନ ପ୍ରତିଷ୍ଠାନ ଓ ବ୍ୟାଙ୍କ୍ ଆଦି ସେମାନଙ୍କର ଜୀବନ ଯାପନ ଶୈଳୀକୁ ବଦଳାଇ ଦେବାର ପ୍ରମୁଖ ମାଧ୍ୟମରୂପେ କାର୍ଯ୍ୟ କରୁଛି ।

ପୂର୍ବରୁ "ଅଏଲ୍ ଓଡ଼ିଶା" ଆନୁକୂଲ୍ୟରେ କୁଟିଆକନ୍ଧମାନେ କୃଷି ସଂପ୍ରସାରଣ କାର୍ଯ୍ୟକ୍ରମରେ ତୈଳବୀଜ ଚାଷ ନିମନ୍ତେ ପ୍ରୋତ୍ସାହନ ପାଇଥିଲେ । କୁଟିଆକନ୍ଧ ଉନ୍ନୟନ ସଂସ୍ଥା କୁଟିଆମାନଙ୍କର




ସାମାଜିକ ଓ ଅର୍ଥନୈତିକ ପ୍ରଗତି ନିମନ୍ତେ ବିଭିନ୍ନ ପ୍ରକାର ଯୋଜନାମାନ ପ୍ରଣୟନ କରି ସେ ସବୁର ସଫଳ ରୂପାୟନ ଦିଗରେ ବିହିତ ପଦକ୍ଷେପ ନେଉଛି । ଏବାବଦରେ ସରକାର ବହୁତ ଟଙ୍କା ଖର୍ଚ୍ଚ କରୁଛନ୍ତି । ସାଧାରଣ କୃଷି, ଉଦ୍ୟାନ କୃଷି, ଜଳସେଚନ ଓ ଅଗମ୍ୟ ଅଞ୍ଚଳକୁ ଉପଯୁକ୍ତ ରାସ୍ତାଘାଟ ନିର୍ମାଣ ଆଦି ଉନ୍ନୟନ ମୂଳକ କାର୍ଯ୍ୟ ଚାଲୁରହିଛି । ଆଦିବାସୀ ସମବାୟ ଉନ୍ନୟନ ନିଗମ ସେମାନଙ୍କର ବଳକା ଦ୍ରବ୍ୟର ବିକ୍ରୟ ଓ ଦୈନନ୍ଦିନ ଜୀବନ ନିର୍ବାହରେ ଆବଶ୍ୟକ ପଡୁଥିବା ଅତ୍ୟାବଶ୍ୟକ ସାମଗ୍ରୀମାନ ଯୋଗାଇ ଦେବା ଫଳରେ ବିକାଶଧାରା ତ୍ୱରାନ୍ୱିତ ହେଉଛି ।

ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ କୁଟିଆ କନ୍ଧମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନ ଆଣିଛନ୍ତି । ଉନ୍ନୟନ ମୂଳକ ଯୋଜନା ହାତକୁ ନେଇଛି । କୁଟିଆ ମାନଙ୍କର ସାମଗ୍ରୀକ ବିକାଶ ପ୍ରତି ଧ୍ୟାନ ଦେଇଛି । ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ଆବାସିକ ହାଇସ୍କୁଲ ସେହି ଅଞ୍ଚଳରେ ପିଲାମାନଙ୍କର ଶୈକ୍ଷିକ ଉନ୍ନତିରେ ବିଶେଷ ପରିବର୍ତ୍ତନ ଆଣିଛି । ଶିକ୍ଷାପ୍ରତି ଏବେ ବହୁ ସଂଖ୍ୟାରେ କୁଟିଆ ପିଲା ଆକୃଷ୍ଟ ହେଇଛନ୍ତି । "ଜ୍ଞାନମନ୍ଦିର" ନାମରେ ନାମିତ ଅଣ ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରର ଭୂମିକା ଶିକ୍ଷାବିକାଶ କ୍ଷେତ୍ରରେ ବେଶ୍ ଉଲ୍ଲେଖନୀୟ । ପରିବର୍ତ୍ତନର ଏହି ଧାରା ନିଶ୍ଚୟ କୁଟିଆକନ୍ଧ ସମାଜର ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ସେମାନଙ୍କୁ ଆଣିଦେବ ଏକ ନୂତନ ଜୀବନବୋଧର ସ୍ୱାଦ ।









# ପୃଷ୍ଠଭୂମି


ଜନପଦଠାରୁ ନିରାପଦଅପହଞ୍ଚ ଗିରି ଉପତ୍ୟକା ମଧ୍ୟରେ ନିରାନନ୍ଦ ଜୀବନ ନିର୍ବାହ କରୁଥିବା ସେଇ ଆଦି ମଣିଷ ସମାଜ ଯେଉଁମାନେ ଆଜିର ବିକାଶବ୍ୟୁହର ଜଟିଳତା ମଧ୍ୟରେ ନିଜର ଅସ୍ମିତା ଖୋଜିବାରେ ଲାଗୁଛନ୍ତି, ଏମାନେ ଆମ ପରିଭାଷାରେ ପ୍ରାଚୀନତମ ଜନଜାତି ବିଶେଷ । ଏମାନେ ଅଣ-ଚର୍ଚ୍ଚିତ, ସମ୍ବିଧାନ ସ୍ୱୀକୃତ ବାଷଠୀ ଜନଜାତି ତାଲିକା ଅନ୍ତର୍ଭୁକ୍ତ । ନିଜସ୍ୱ ଭୌଗୋଳିକ ପରିରେଖା ମଧ୍ୟରେ ଅଣ-ସଂକ୍ରମିତ ସାମାଜିକ-ସାଂସ୍କୃତିକ-ଅର୍ଥନୈତିକ ବ୍ୟବସ୍ଥା ଭିତରେ ପ୍ରକୃତି ସହ ସଂଘର୍ଷ କରି ନିଜର ଜୀବନ ନିର୍ବାହ କରିବାରେ ଏମାନେ ପଟୁ ।

ଏମାନଙ୍କୁ ସ୍ୱତନ୍ତ୍ର ଭାବରେ ଚିହ୍ନଟ କରି ସେମାନଙ୍କ ଉନ୍ନତି ମାର୍ଗ ପ୍ରଶସ୍ତ କରାଇବା ନେଇ ବିବିଧ ବିକାଶ ପରିଯୋଜନାଗୁଡ଼ିକୁ ସେମାନଙ୍କ ଅଞ୍ଚଳରେ ପରିଚାଳନା କରାଯାଇଛି । ବିକାଶର ସ୍ରୋତ ସହ ସାମିଲ ହେଲେ ବିବିଧ ଜଟୀଳ ଉପାଦାନ ସଂଘର୍ଷ ହେବା ସ୍ୱାଭାବିକ । ଅପ୍ରାକୃତିକ ବଜାରର ଆଖି ଝଲସା ରୂପ ସନ୍ଦର୍ଶନରେ ବିଭୋର ହୋଇ ବାଟହୁଡ଼ିବା ପ୍ରକ୍ରିୟାରେ ସେମାନେ ଅଭ୍ୟସ୍ତ ହୋଇ ଯାଇଛନ୍ତି । ଏଇ ପ୍ରାଚୀନତମ ଜନଜାତି ସେଇ ତଥାକଥିତ ବିକାଶବ୍ୟୁହରେ ମୋହଗ୍ରସ୍ତ । ଆଖି ଝଲସା ବିପଣୀରେ ସେମାନେ ଭାରାକ୍ରାନ୍ତ । ଏହି ଅପ୍ରାକୃତିକ ବ୍ୟବସ୍ଥାକୁ ଆପଣେଇବାରେ ସେମାନେ ଅପ୍ରାଣ ଉଦ୍ୟମ କରୁଛନ୍ତି । ଫଳତଃ ସେମାନଙ୍କର ପାରମ୍ପରିକ ସଂରଚନା ଦୋହଲିବାରେ ଲାଗିଛି । ପରମ୍ପରା ଓ ପ୍ରଗତିର ସନ୍ଧିକ୍ଷଣରୁ ସେମାନେ ବିକାଶ ପାବଚ୍ଛରେ ପାଦଥାପିଛନ୍ତି । ଆଗକୁ ଆହୁରି ସଂଘର୍ଷ କରିବାର ଅଛି । ଏହି ପ୍ରକ୍ରିୟାରେ ସେମାନଙ୍କ ପରମ୍ପରା ଓ ମୌଳିକ ସଂସ୍କୃତି ସଂକଟାପନ୍ନ ହୋଇ କ୍ରମବିଲୁପ୍ତ ପ୍ରାୟ । ହୁଏତ ଆଗାମୀ ଦିନମାନଙ୍କରେ ସେମାନଙ୍କର ସ୍ଥିତି କ'ଣ ହୋଇଥିବ ତାହା ସମୟ ହିଁ କହିବ । ଜନସାଧାରଣ ଏମାନଙ୍କ ବିଷୟରେ ଖୁବ୍ କମ୍ ପରିଚିତ । ଚିତ୍ର ପୋଥି ମାଧ୍ୟମରେ ପୂର୍ବରୁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ସଂସ୍ଥାନ ଇଂରାଜୀ ଭାଷାରେ ଏକ ପରିଚୟାତ୍ମକ ପୁସ୍ତକ ପ୍ରତ୍ୟେକ ପ୍ରାଚୀନତମ ଜନଜାତିଙ୍କ ଉପରେ ପ୍ରକାଶ କରିଥିଲା । ବର୍ତ୍ତମାନ ଓଡ଼ିଆ ପାଠକଙ୍କ ରଚି ଓ ଆବଶ୍ୟକତାକୁ ନେଇ ଏହି ପୁସ୍ତିକାଗୁଡ଼ିକର ଓଡ଼ିଆ ଅନୁସୃଜନ କାର୍ଯ୍ୟ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ହାତକୁ ନେଇ ପ୍ରକାଶ କରିଛି । ସାଧାରଣ ପାଠକ, ଗବେଷକ, ଉନ୍ନୟନ ପ୍ରାଧୀକାରୀବୃନ୍ଦ ଏହାର ସଦୁପଯୋଗ କରିପାରିଲେ ପ୍ରକାଶନର ଉଦ୍ଦେଶ୍ୟ ସଫଳ ହେବ । ଏ ସମ୍ବନ୍ଧରେ କୌଣସି ସୁଚିନ୍ତିତ ମତାମତ, ଉପଦେଶ ସର୍ବାଦୌ ଗ୍ରହଣୀୟ ।

**ବିଶ୍ୱର କୁମାର ନାୟକ**

ସଦସ୍ୟ ସଚିବ






ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର, ଓଡ଼ିଶା

ସୌଜନ୍ୟ : ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ

ମୁଦ୍ରଣ : କ୍ୟାପିଟାଲ ବିଜିନେସ୍ ସର୍ଭିସ ଆଣ୍ଡ୍ କନ୍ସଲ୍ଟାନ୍ସି